# ୪୩୩୧ ଏକର ଜମିରେ ହେବ ବ୍ରହ୍ମପୁର ଟିପି ସ୍କିମ୍

ବ୍ରହ୍ମପୁର,୨୧।୨(ସମିସ)



ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ବା ବିଇଡିଏ ଅଧୀନସ୍ତ ବ୍ରହ୍ମପୁର, ଗୋପାଳପୁର ଓ ଛତ୍ରପୁରକୁ ନେଇ ବିକଶିତ ସହରାଞ୍ଚଳ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ରାଜ୍ୟର ପ୍ରମୁଖ ସହର ତଥା ମହାନଗର ନିଗମ ଗୁଡିକରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବାକୁ ଯାଉଛି ମୁଖ୍ୟମନ୍ତ୍ରୀ ବିକଶିତ ସହରାଞ୍ଚଳ ପ୍ରକଳ୍ପ। ଏହି ପ୍ରକଳ୍ପ ଜରିଆରେ ପ୍ରମୁଖ ସହର ଗୁଡିକର ସଂଲଗ୍ନ ସହରାଞ୍ଚଳକୁ ମିଶାଇ ଏକ ବୃହତ୍ତର ସହରାଞ୍ଚଳର ପରିକଳ୍ପନା କରାଯାଉଛି। ଏନେଇ ଗୁରୁବାର ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗୀୟ ପ୍ରମୁଖ ସଚିବ ଉଷା ପାଢୀଙ୍କ ସମେତ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ପୁରୀ ଓ କୋଣାର୍କ ଉନ୍ନୟନ କର୍ତ୍ତୃପକ୍ଷ ଭଳି ୪ଟି ସଂସ୍ଥାର ଉପାଧ୍ୟକ୍ଷ ଓ ସଚିବ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ କ୍ରମବର୍ଦ୍ଧିଷ୍ଣୁ ବ୍ରହ୍ମପୁର ସହରର ଜନସଂଖ୍ୟା ଓ ଯାନବାହାନ ଜନିତ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପୂର୍ବରୁ 'ଗ୍ରେଟର ବ୍ରହ୍ମପୁର'ର ପରିକଳ୍ପନା କରାଯାଇଥିଲା। ଏଥିପାଇଁ ୨୦୧୧ମସିହାରେ ସ୍ୱତନ୍ତ୍ର ସିଡିପି ମଧ୍ୟ ପ୍ରସ୍ତୁତ ହୋଇସାରିଛି। ଫୁଲଟା, ଚିକଲଖଣ୍ଡି ଓ ରତ୍ନପୁରରେ ଶିଳ୍ପାଞ୍ଚଳ ପ୍ରତିଷ୍ଠା ସହ ଆମ୍ବପୁଆର ୧୨ଏକର ଜମି ସମେତ ୪ଟି ପୃଥକ ପୃଥକ ସ୍ଥାନରେ ବାଣିଜ୍ୟିକ ଜୋନ ପ୍ରତିଷ୍ଠା ପାଇଁ ବ୍ୟବସ୍ଥା କରାଯାଇଥିଲା। ସେହିଭଳି ସହରର ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରଘୁନାଥପୁର, ରତ୍ନପୁର, ଦକ୍ଷିଣପୁର, ମହୁଡା, କନିଷି ଓ କରାପଲ୍ଲୀକୁ ସଂଯୋଗ କରି ୬୦ମିଟରର ଏକ 'ରିଂ ରୋଡ'। ଏବଂ ରତ୍ନପୁର ଠାରୁ ଅଳକାପୁରୀ ପର୍ଯ୍ୟନ୍ତ ୨୦ମିଟର ପ୍ରସ୍ଥ ବିଶିଷ୍ଟ ଏକ ରାସ୍ତା। ଜଗନ୍ନାଥପୁର ଠାରୁ ଫାଷ୍ଟଗେଟ ପର୍ଯ୍ୟନ୍ତ ୩୦ମିଟର ପ୍ରସ୍ଥ ବିଶିଷ୍ଟ ଆଉ ଏକ ସମାନ୍ତରାଳ ରାସ୍ତା ପାଇଁ ମଧ୍ୟ ପ୍ରସ୍ତାବ ରହିଥିଲା। ଏଥିପାଇଁ ଅନୁମୋଦିତ ସିଡିପି ଅନୁଯାୟୀ ବ୍ରହ୍ମପୁର, ଗୋପାଳପୁର ଓ ଛତ୍ରପୁର ଓ ଉପକଣ୍ଠର ୫୫ଟି ଗ୍ରାମକୁ ମିଶାଇ ପ୍ରସ୍ତାବିତ ଗ୍ରେଟର ବ୍ରହ୍ମପୁରର ପରିସୀମା ୩୧୭.୬୯କିଲୋମିଟର ରହିଥିଲା। ବର୍ତ୍ତମାନ କାର୍ଯ୍ୟକାରୀ ହେବାକୁ ଥିବା ମୁଖ୍ୟମନ୍ତ୍ରୀ ବିକଶିତ ସହରାଞ୍ଚଳ ପ୍ରକଳ୍ପ ପାଇଁ 'ଟିପି' ବା ଟାଉନ ପ୍ଲାନିଂ ସ୍କିମ କାର୍ଯ୍ୟକାରୀ ହେବାକୁ ଥିବା ଜଣାପଡିଛି। ଯାହା ପୂର୍ବର ଗ୍ରେଟର ବ୍ରହ୍ମପୁର ପରିକଳ୍ପନାର ଅଂଶବିଶେଷ ମଧ୍ୟ। ଏଥିପାଇଁ ବ୍ରହ୍ମପୁର, ଗୋପାଳପୁର ଓ ଛତ୍ରପୁରକୁ ୫ଟି ଜୋନରେ ବିଭାକ୍ତ କରାଯାଇ ପ୍ରାୟ ୪୩୩୧.୦୭ଏକର ଜମି ଚିହ୍ନଟ କରାଯାଇଛି। ଚିହ୍ନଟ ଜମି ମଧ୍ୟରୁ ଆମ୍ବଗଡରେ ୫୮୦.୮୫ଏକର, ପଲ୍ଲୀଗୁମୁଳାରେ ୯୨୭.୭୩ ଏକର, ରାମଚନ୍ଦ୍ରପୁରରେ ୫୬୯.୦୮ ଏକର, ବେଦ୍ଦାଳିଆରେ ୯୭୨.୨୧ଏକର ଓ ଆରପଲ୍ଲୀରେ ସର୍ବାଧିକ ୧୨୮୧.୨୦ଏକର ଜମି ରହିଛି। ଏହି ଜମିରୁ କିଛି ସରକାରୀ ଓ ଅଧିକାଂଶ ଘରୋଇ ବା ବ୍ୟକ୍ତିଗତ ମାଲିକାନାରେ ରହିଛି। ଏହି ଟିପି ସ୍କିମରେ ସରକାର ବା ବିଇଡିଏ ଲୋକଙ୍କ ଜମିକୁ ନେଇ ରାସ୍ତାଘାଟ, ନାଳ, ବିଦ୍ୟୁତ, ହସ୍ପିଟାଲ ଓ ପୁଲିସ ଥାନା ଭଳି ସମସ୍ତ ଅତ୍ୟାବଶ୍ୟକ ବ୍ୟବସ୍ଥା କରି ଜମିମାଲିକଙ୍କୁ ସେମାନଙ୍କ ବିକଶିତ ଜମିକୁ ହସ୍ତାନ୍ତର କରିବାର ଯୋଜନା ରହିଛି।

ଏଥିରେ ଜମି ମାଲିକଙ୍କର ୬୦ ପ୍ରତିଶତ ଓ ସରକାରଙ୍କର ୪୦ପ୍ରତିଶତ ଅଂଶ ରହିବ। ଯାହା ଗୁଜରାଟ ରାଜ୍ୟରେ ପ୍ରଚଳିତ ପ୍ରକଳ୍ପର ସମ୍ପୂର୍ଣ୍ଣ ଭିନ୍ନ ତଥା ଓଲଟା। ସେଠାରେ ସରକାରଙ୍କ ଅଂଶ ଶତକଡ଼ା ୬୦ ଓ ଜମି ମାଲିକଙ୍କର ଅଂଶ ଶତକଡ଼ା ୪୦ପ୍ରତିଶତ ରହିଛି। ଏହି ପ୍ରକଳ୍ପ ପାଇଁ ଯଦିଓ ଏରିଆଲ ସର୍ଭେ ହୋଇଛି ଏଥିପାଇଁ ପୁନଃ ସର୍ଭେ କରାଯିବ।

- ମୋଟ ୫ ଜୋନ୍‌ରେ କାର୍ଯ୍ୟକାରୀ ହେବ ଯୋଜନା
- ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁରକୁ ନେଇ ତ୍ୱରାନ୍ୱିତ ହେବ ମୁଖ୍ୟମନ୍ତ୍ରୀ ବିକଶିତ ସହରାଞ୍ଚଳ ପ୍ରକଳ୍ପ
- 'ଟିପି' ସ୍କିମ ପ୍ରସ୍ତାବିତ 'ଗ୍ରେଟର ବ୍ରହ୍ମପୁର'ର ଏକ ଅଂଶବିଶେଷ ମାତ୍ର

## କେନ୍ଦ୍ରୀୟ ଅନୁଦାନ ବିନା ଯୋଜନା ଅସମ୍ଭବ: ବିରୋଧୀ

ଅପରପକ୍ଷେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ଓ କେତେ ବ୍ୟୟ ଅଟକଳକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିରୋଧୀ। ସେନେଇ କିଛି ଚୂଡାନ୍ତ ହୋଇ ନ ଥିବା ଜଣାପଡିଛି। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ଏହି ପ୍ରକଳ୍ପକୁ ନେଇ ଉଠିଛି ପ୍ରଶ୍ନ। ମୁରବୀ ବା ଅଧ୍ୟକ୍ଷ ନ ଥିବା ବିଇଡିଏରେ ଅର୍ଥ ନାହିଁ କି କର୍ମଚାରୀ ନାହାନ୍ତି। ବିଇଡିଏର ରାଜସ୍ୱର ମୂଳ ଉତ୍ସ ଥିବା ଗୃହନିର୍ମାଣ ପ୍ଲାନ ଅନୁମୋଦନ କ୍ଷମତା ବିଏମସିକୁ ହସ୍ତାନ୍ତର କରାଯାଇଛି। ଏଭଳି ସ୍ଥିତିରେ ଏତେବଡ ପ୍ରକଳ୍ପ ପାଇଁ ହଜାର ହଜାର କୋଟି ଟଙ୍କାର ଆବଶ୍ୟକତା ଥିବାବେଳେ ବିନା କେନ୍ଦ୍ରୀୟ ଅନୁଦାନରେ ଏହା ଅସମ୍ଭବ ବୋଲି ଯୁକ୍ତି ବାଢ଼ିଛନ୍ତି ବିରୋଧୀ। ଗ୍ରେଟର ସହରାଞ୍ଚଳ ଦେଶରେ ମୁମ୍ବାଇ, ଗୁଜରାଟ ଓ ବିଶାଖପାଟଣା ଭଳି ପ୍ରମୁଖ ସିଟିରେ ରହିଥିବା ବେଳେ ଓଡିଶାରେ ଏହା କାର୍ଯ୍ୟକାରୀ ହୋଇନାହିଁ। ଏହା ହେଲେ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ ଏବଂ ଲୋକେ ଉପକୃତ ହୋଇପାରିବେ। ତେବେ ଏହା ରାଜ୍ୟ ସରକାରଙ୍କର ଏକ ଧୂଆଁବାଣ ମାତ୍ର ବୋଲି କହିଛନ୍ତି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ପୂର୍ବତନ ଅଧ୍ୟକ୍ଷ ସୁବାସ ମହାରଣା ଓ ବ୍ରହ୍ମପୁରର ପୂର୍ବତନ ବିଧାୟକ ଡାକ୍ତର ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ବିକ୍ରମ କୁମାର ପଣ୍ଡା।

# ନିଖୋଜ ନୌସେନା ଅଫିସର୍‌ଙ୍କ ନାଁରେ ୱାରେଣ୍ଟ



**୩୨ ଦିନ ହେଲା ନିଖୋଜ ଟାଉନ ଥାନାକୁ ୱାରେଣ୍ଟ ନୋଟିସ**

ବ୍ରହ୍ମପୁର,୨୧।୨(ସମିସ): ବ୍ରହ୍ମପୁରର ନୌସେନା ଅଫିସର ସୌରଭ କୁମାର ପାତ୍ରଙ୍କ ନିଖୋଜ ହେବା ଘଟଣା ସମ୍ପ୍ରତି ମାସେରୁ ଅଧିକ ସମୟ ବିତିଗଲାଣି। ଏଯାଏଁ ତାଙ୍କ ପତ୍ତା ମିଳିନଥିବା ବେଳେ ପୁଲିସ ତଦନ୍ତ ଜାରି ରଖିଛି। ଏପଟେ ବିନା ଅନୁମତିରେ ଛୁଟିରେ ଥିବାରୁ ନୌସେନା ପକ୍ଷରୁ ତାଙ୍କ ବିରୋଧରେ ଜାରି ହୋଇଛି ୱାରେଣ୍ଟ। ସୂଚନା ପ୍ରକାରେ କେରଳର କୋଚି ଆଇଏଏସ ଗରୁଡ଼ାରେ କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିଲେ ନୌସେନା ଆକ୍ଟିଲିଙ୍ଗ କମ୍ୟୁନିକେଟର (ଏଜି.ଏଲ୍.କମ୍.) ସୌରଭ କୁମାର ପାତ୍ର(୨୫)। ଜାନୁୟାରୀ ମାସ ୧୯ ତାରିଖରୁ ସେ ଟ୍ରେନ୍‌ରେ ଯାଉଥିବା ବେଳେ ନିଖୋଜ ନେଇ ପରିବାର ଲୋକେ ବ୍ରହ୍ମପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ସୌରଭଙ୍କ ଶେଷ ମୋବାଇଲ୍ ଲୋକେସନ୍ ଇଛାପୁରମରେ ସୂଚିତ ହେଉଛି। ସେଯେଉଁଅଟୋରେଯାଇଥିଲେସେଚାଳକକୁ ପୁଲିସ ପଚାରାଉଚୁରା କରିଥିଲା। କିନ୍ତୁ କିଛି ଖାସ ତଥ୍ୟ ମିଳିନଥିବା ଜଣାପଡିଛି। ବ୍ରହ୍ମପୁର ଗେଟ ବଜାରରେ ସୌରଭଙ୍କ ଘର। ତାଙ୍କ ଭାଇ ସମୀରଙ୍କ ସୂଚନା ପ୍ରକାରେ, ୨୦୧୯ରୁ ସେ ନୌସେନାରେ ନିଯୁକ୍ତି ପାଇଥିଲେ। କେରଳର କୋଚି ଆଇଏନ୍‌ଏସ୍ ଗରୁଡ଼ାରେ ତାଙ୍କର ନିଯୁକ୍ତି ଥିଲା। ୨୦୨୪ ଡିସେମ୍ବର ୨୮ରେ ସେ ଘରକୁ ଛୁଟିରେ ଆସିଥିଲେ। ଜାନୁଆରୀ ୧୯ ତାରିଖରେ ତାଙ୍କର ଫେରିବାର ଥିଲା। ବ୍ରହ୍ମପୁରରୁ ଟ୍ରେନ୍ ଯୋଗେ ବିଶାଖାପାଟଣା ଯାଇ ସେଠାରୁ କୋଚିକୁ ଫ୍ଲାଇଟ୍ ଟିକଟ ହୋଇଥିଲା। ଜାନୁଆରୀ ୧୯ରେ ଭୋର ୩ଟାରେ ରେଳ ଷ୍ଟେସନ୍‌ରେ ସୌରଭଙ୍କୁ ଟ୍ରେନରେ ବସାଇଥିଲେ ପରିବାର ଲୋକ। ଅପରାହ୍ନରେ ତାଙ୍କର ଫ୍ଲାଇଟ ଥିଲା। ବ୍ରହ୍ମପୁରରୁ ଯିବା ପରେ ତାଙ୍କ ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା। ପରିବାର ଲୋକ ବାରମ୍ବାର ତାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ଫୋନ୍ ସୁଇଚ ଅଫ ଥିଲା। ସୌରଭ ଏବେ କେଉଁଠି ପୁଲିସ ତଦନ୍ତ କରୁଛି। ତାଙ୍କ ନାମରେ ୱାରେଣ୍ଟ ଜାରି କଲା ନୌସେନା ବିଭାଗ। ଏନେଇ ଟାଉନ ଥାନାକୁ ଏକ ୱାରେଣ୍ଟ ନୋଟିସ ଆସିଥିବା ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ତେବେ ଏହି ଘଟଣା ପଛରେ କ'ଣ ରହିଛି କାରଣ। ସୌରଭ ଜାଣିଶୁଣି ନିଜ ପରିବାର ଲୋକଙ୍କଠାରୁ ଦୂରେଇ ରହିଛନ୍ତି ନା ତାଙ୍କୁ କେହି ବନ୍ଦୀ କରି ରଖିଛନ୍ତି। ଏନେଇ ସମସ୍ତ ଦିଗରୁ ପୁଲିସ ଏବେ ତଦନ୍ତ କରୁଥିବା ଜଣାପଡିଛି। ଏଣେ ତାଙ୍କ ଜୀବନ ସୁରକ୍ଷିତ ରହିଛି ନା କିଛି ଅଘଟଣ ହୋଇଛି ସେନେଇ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।

# ଜାତୀୟସ୍ତରୀୟ ନେଟ୍ ବଲ୍ ପ୍ରତିଯୋଗିତାରେ ଗଞ୍ଜାମର ୧୩ ଖେଳାଳି



ବ୍ରହ୍ମପୁର,୨୧।୨(ସମିସ): ଆସନ୍ତା ୨୩ ତାରିଖଠାରୁ ହରିଆଣାରେ ଅନୁଷ୍ଠିତ ହେବାକୁ ଥିବା ୩୭ତମ ଜାତୀୟ ଜୁନିଅର ନେଟ ବଲ ପ୍ରତିଯୋଗିତାରେ ଗଞ୍ଜାମ ଜିଲ୍ଲାରୁ ୧୩ଖେଳାଳି ମନୋନିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୨ଜଣ ଚମାଖଣ୍ଡି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ରହିଛନ୍ତି। ସେମାନେ ହେଲେ ଏସ୍. ସକ୍ଷମଶ୍ରୀ ରେଡ୍ଡୀ, ଶ୍ରୀଜିତ୍ ନାୟକ, ଦୀପକ କୁମାର ସେଠୀ, ଶିବରାମ ସାମଲ, ଅର୍ପିତା କାଣ୍ଡି, ସୋନାଲି ଗୌଡ଼, ବୈଶାଖୀ ଲେଙ୍କା, ଜି ବନ୍ଦନା ରେଡ୍ଡୀ, ସିମ୍ରନ୍ ଚୌଧୁରୀ, ଅସ୍ମା ପ୍ରଧାନ, ରୋଷନି ମହାରଣା ଏବଂ ଭାରତୀ ପ୍ରଧାନ। ଅନ୍ୟ ଜଣେ ଏକ ଘୋରେଇ ସ୍କୁଲ ଛାତ୍ର ଆର କ୍ଷୀରୋଦ ରେଡ୍ଡୀ ରହିଛନ୍ତି। କୋଚ ଭାବେ ମାଣିକପୁର ସ୍କୁଲ ପିଇଟି ଶିକ୍ଷକ ଜିତେନ୍ଦ୍ର ଖୁଣ୍ଟିଆ ଛାତ୍ରଛାତ୍ରୀଙ୍କ ସହ କଟକ ଷ୍ଟେସନରୁ ଯାତ୍ରା ଆରମ୍ଭ କରିଛନ୍ତି। ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପିଇଟି ଶିକ୍ଷକ ପିଣ୍ଟୁ ବେହେରା ପ୍ରଶିକ୍ଷଣ ଦେଇଥିବା ବେଳେ ସ୍କୁଲ ଅଧ୍ୟକ୍ଷ ପ୍ରମୋଦ କୁମାର ବେହେରା ସଫଳତା କାମନା କରିଛନ୍ତି।

# ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାର ତୃତୀୟ ଦିବସ

ବ୍ରହ୍ମପୁର,୨୧।୨(ସମିସ): ଓଡ଼ିଶା ସରକାରଙ୍କ ସହାୟତାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଶା ଆନ୍ତଃ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାର ତୃତୀୟ ଦିବସରେ ଓଡ଼ିଆ




ଏବଂ ଇଂରାଜୀ ବକ୍ତୃତା ପ୍ରତିଯୋଗିତା, ତର୍କ ପ୍ରତିଯୋଗିତା, ରଚନା ଲିଖନ ଆୟୋଜିତ ହୋଇଛି। ଇଂରାଜୀ ବକ୍ତୃତାରେ ମୋଟ ୧୬ଟି ବିଶ୍ୱବିଦ୍ୟାଳୟର ୩୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେହିଭଳି ଓଡିଆ ବକ୍ତୃତାରେ ୩୪ଜଣ, ଇଂରାଜୀ ତର୍କରେ ୧୧ଜଣ, ରଚନା ଲିଖନରେ ୧୩ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିନିଧିତ୍ୱ କରୁଥିବା ଛାତ୍ରୀମାନେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ସ୍ନାତକୋତ୍ତର ବିଭାଗ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ ତ୍ରିପାଠୀ, କୁଳସଚିବ ସଚିଦାନନ୍ଦ ନାୟକ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଦ୍ୱାରା ପ୍ରସ୍ତୁତ ଓଡ଼ିଆ ଓ ଇଂରେଜୀ ପତ୍ରିକା ଉନ୍ମୋଚିତ ହୋଇଥିଲା।

## ନାବାଳିକା ଅପହରଣ; ଯୁବକ ଗିରଫ

ବ୍ରହ୍ମପୁର,୨୧।୨(ସମିସ): ନାବାଳିକାକୁ ଅପହରଣ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଲାଞ୍ଜିପଲ୍ଲୀ ଖଳା ସାହିର ବିଷ୍ଣୁ ବେହେରା(୧୯) ଓରଫ ତମ୍ପା। ସୂଚନାଯୋଗ୍ୟ ଯେ, ଗତ ୧୧ତାରିଖରେ ଲାଞ୍ଜିପଲ୍ଲୀ ଅଞ୍ଚଳରୁ ଜଣେ ନାବାଳିକା(୧୫) ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ପ୍ରଥମେ ନିଖୋଜ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ଉକ୍ତ ନାବାଳିକାକୁ ଲାଞ୍ଜିପଲ୍ଲୀ ଖଳା ସାହିର ତମ୍ପା ବେହେରା ନାମକ ଜଣେ ଯୁବକ ଅପହରଣ କରି ନେଇଥିବା ଜଣାପଡିଥିଲା। ପୁଲିସ ସେହିକ୍ରମରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ କରି ଅପହୃତା ନାବାଳିକାକୁ ଉଦ୍ଧାର କରି ଅଭିଯୁକ୍ତ ତମ୍ପାକୁ କାବୁ କରିଥିଲା। ଶୁକ୍ରବାର ଗିରଫ ଅଭିଯୁକ୍ତ ତମ୍ପାକୁ ପୁଲିସ କୋର୍ଟଚାଲାଣ କରିଥିଲା।

ବରିଷ୍ଠ କିରାଣିଙ୍କୁ ହାଣିବା ଘଟଣା

## ୨ ମାସ ହେଲା ଆକ୍ରମଣକାରୀଙ୍କ ଟେର୍ ପାଉନି ପୁଲିସ

ବ୍ରହ୍ମପୁର,୨୧।୨(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲର ବରିଷ୍ଠ କିରାଣୀ କୈଳାସ ଚନ୍ଦ୍ର ସାହୁଙ୍କୁ ଖଣ୍ଡାରେ ହାଣିବା ଘଟଣାର ପ୍ରାୟ ୨ମାସ ବିତିଯାଇଛି। ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତଙ୍କ ଟେର ପାଉନି ପୁଲିସ। ସିସିଟିଭି କ୍ୟାମେରାରୁ ସଂଗ୍ରହ ହୋଇଥିବା ଫୁଟେଜକୁ ଆଧାର କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ପାଇଁ ଚେଷ୍ଟା ଜାରି ରଖିଛି ପୁଲିସ। ଜଣେ ଅଭିଯୁକ୍ତକୁ ସନ୍ଦେହରେ ଚିହ୍ନଟ ହୋଇଥିବା ଜଣାପଡିଛି। ଚିହ୍ନଟ ହୋଇଥିବା ଅଭିଯୁକ୍ତକୁ ପୁଲିସ ଖୁବଶୀଘ୍ର ଗିରଫ କରିବ ବୋଲି ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ଡିସେମ୍ବର ୨୬ତାରିଖ ସନ୍ଧ୍ୟାରେ କୈଳାସ ଏମକେସିଜିରୁ ଡ୍ୟୁଟି ସାରି ଖୋଡାସିଂ ନିକଟ କୋଠାରୀନଗର ସ୍ଥିତ ଘରକୁ ଯାଉଥିବା ବେଳେ ୩ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ତାଙ୍କୁ ଅଟକାଇ ଖଣ୍ଡା ଓ କାତିରେ ଆକ୍ରମଣ କରିଥିଲେ। ଆକ୍ରମଣରେ କୈଳାସ ଗୁରୁତର ଭାବେ ଆହତ ହୋଇ ତଳେ ପଡିଯାଇଥିଲେ। ଖଣ୍ଡା ଚୋଟରେ ତାଙ୍କ ହାତ ଓ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଘଟଣାର ୩ଦିନ ପରେ ଏନେଇ ଥାନାରେ ଅଭିଯୋଗ ହୋଇଥିଲା।

ଚା' ଦୋକାନରେ ଖଣ୍ଡା ବୁଲିଲା

## ଦୋକାନୀ ଆହତ; ଦୁଇ ଡ୍ୟାନ୍ସର୍ ଅଟକ

ବ୍ରହ୍ମପୁର,୨୧।୨(ସମିସ): ଉତ୍କଳ ସିନେମା ହଲ ଛକରେ ଶୁକ୍ରବାର ସକାଳ ୬ଟା ବେଳେ ଟଙ୍କା ମାଗିବାରୁ ଚା' ଦୋକାନରେ ଖଣ୍ଡା ବୁଲାଇଛନ୍ତି ଦୁର୍ବୃତ୍ତ। ଚାହା ଦୋକାନକୁ ଖଣ୍ଡାରେ ଭଙ୍ଗାରୁଜା କରିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଛି। ପୁଲିସ ଏହି ଘଟଣାରେ ଦୁଇ ଯୁବକ (ଡ୍ୟାନ୍ସର)କୁ ଅଟକ ରଖିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, କଂସାରି ସାହିର ଟି. ରମେଶ ରାଓ ଉତ୍କଳ ସିନେମା ହଲ ଛକ ଠାରେ ଏକ ଚାହା ଦୋକାନ ଖୋଲିଛନ୍ତି। ସବୁଦିନ ପରି ଆଜି ମଧ୍ୟ ରମେଶ ଦୋକାନ ଖୋଲି ବ୍ୟବସାୟ କରୁଥିବା ବେଳେ ୨ଜଣ ଯୁବକ ଆସି ଚାହା ଓ ବିସ୍କୁଟ ଖାଇଥିଲେ। ରମେଶ ଟଙ୍କା ମାଗିବାରୁ ସେମାନେ ଗାଳିଗୁଲଜ ଆରମ୍ଭ କରିବା ସହ ନିଜ ଗାଡିରେ ବସି ଚାଲି ଯାଇଥିଲେ। ଏହାର କିଛି ସମୟ ପରେ ସେହି ୨ଜଣ ଯୁବକ ହାତରେ ଖଣ୍ଡା ଓ ମାରଣାସ୍ତ୍ର ଧରି ଆସି ରମେଶଙ୍କୁ ଆକ୍ରମଣ କରିଥିଲେ। ଏଥିରେ ରମେଶ ଆହତ ହୋଇଥିବା ଜଣାପଡିଛି। ରମେଶ ଜୀବନ ବଞ୍ଚାଇବାକୁ ଲୁଚି ପଡିବା ପରେ ଯୁବକମାନେ ଖଣ୍ଡାରେ ଦୋକାନର ବିଭିନ୍ନ ସାମଗ୍ରୀ ଭଙ୍ଗାରୁଜା କରିବା ସହ ବିକ୍ରି ହୋଇଥିବା କିଛି ଟଙ୍କା ନେଇ ଫେରାର ହୋଇଯାଇଥିଲେ ବୋଲି ରମେଶ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

# ରାସ୍ତାରେ ନିର୍ମାଣ ସାମଗ୍ରୀ ପକାଇ ଦଣ୍ଡ ଗଣିଲେ



ବ୍ରହ୍ମପୁର,୨୧।୨(ସମିସ): ରାସ୍ତା ଉପରେ ଗୃହନିର୍ମାଣ ସାମଗ୍ରୀ ପକାଇବା ଓ ରାସ୍ତା ଅବରୋଧ କରି ସର୍ବ ସାଧାରଣଙ୍କ ଯାତାୟତରେ ସମସ୍ୟା ସୃଷ୍ଟି କରିବା ଜନୈକ ଗୃହମାଲିକଙ୍କ ପାଇଁ ମହଙ୍ଗା ପଡିଛି। ଏନେଇ ଅଭିଯୋଗ ପାଇବା ପରେ ବିଏମସି ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନା ଯୋଗ୍ୟ ଯେ' ସ୍ଥାନୀୟ ୩୫ନମ୍ବର ୱାର୍ଡ ଅନ୍ତର୍ଗତ ଗଜପତିନଗର ୬ଷ୍ଠ ଲାଇନରେ ଜନୈକ ଗୃହମାଲିକ ନିଜ ଘରର ଛାତ ପକାଇବା ପାଇଁ ଗୃହନିର୍ମାଣ ସାମଗ୍ରୀ ଯଥା ଗୋଡି, ବାଲି ଓ ସିମେଣ୍ଟ ରାସ୍ତା ଉପରେ ଗଦା କରିଥିଲେ। ଫଳରେ ସମ୍ପୃକ୍ତ ଅଞ୍ଚଳରେ ରାସ୍ତା ଅବରୋଧ ହୋଇ ସର୍ବ ସାଧାରଣଙ୍କ ଯାତାୟତରେ ସମସ୍ୟା ଉପୁଜିଥିଲା। ଏନେଇ ଅଭିଯୋଗ ପାଇବା ପରେ ବିଏମସି ଏନଫୋର୍ସମେଣ୍ଟ ଅଧିକାରୀ କଲ୍ୟାଣୀ ସଂଘମିତ୍ରା ଦେବୀ ତୁରନ୍ତ ଟିମକୁ ପଠାଇ ରାସ୍ତା ଅବରୋଧ ହଟାଇଥିଲେ। ଏବଂ ଏଥିପାଇଁ ସମ୍ପୃକ୍ତ ଗୃହମାଲିକଙ୍କ ଠାରୁ ୧୦ହଜାର ଟଙ୍କାର ଜରିମାନା ଆଦାୟ କରିଥିଲେ। ବ୍ରହ୍ମପୁର ମହାନଗର ନିଗମ ସହରର ସ୍ୱଚ୍ଛତା ଓ ପରିମଳକୁ ପ୍ରାଥମିକତା ଦେଉଥିବା ବେଳେ କୌଣସି ପରିସ୍ଥିତିରେ ଜବରଦଖଲକୁ ବରଦାସ୍ତ କରାଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି ଉପାୟୁକ୍ତ କଲ୍ୟାଣୀ ଦେବୀ। ନିଗମରେ ଏହି ନିୟମ ପୂର୍ବରୁ ରହିଥିବାବେଳେ ଏହାକୁ କାର୍ଯ୍ୟକାରୀ କରାଯାଇଛି ଏବଂ ଆଗକୁ ଆହୁରି କଡାକଡି ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ରିକ୍ସା ଚାଳକଙ୍କୁ ଆକ୍ରମଣ; ୨ ଜଣଙ୍କୁ ୬ ମାସ ଜେଲ୍

ବ୍ରହ୍ମପୁର,୨୧।୨(ସମିସ): ବଡ଼ବଜାର ନିକଟ ଜେନା ସାହିଠାରେ ଜଣେ ପଙ୍ଗୁ ରିକ୍ସା ଚାଳକଙ୍କୁ ଆକ୍ରମଣ କରି ରକ୍ତାକ୍ତ କରିଥିବା ୨ଜଣଙ୍କୁ ୬ମାସ ଲେଖାଏଁ ଜେଲ ଦଣ୍ଡ ହୋଇଛି। ବ୍ରହ୍ମପୁର ଜେଏମଏଫସି ରୋହିଣୀ ବିଶ୍ୱାଳ ଏହି ମାମଲାର ବିଚାରଣା କରି ୨ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ହଜାର ଲେଖାଏଁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୧ମାସ ଲେଖାଏଁ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ମାଜିଷ୍ଟ୍ରେଟ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ଜେନା ସାହିର ପ୍ରକାଶ ସାହୁ ଓ ବାବୁଲି ସାହୁ ଓରଫ ନରସିଂହ। ପ୍ରକାଶଥାଉକି, ୨୦୨୩ମସିହା ଜୁଲାଇ ୧୧ତାରିଖରେ ହରିଡାଖଣ୍ଡି ଧର୍ମନଗର ଅଞ୍ଚଳର ପଙ୍ଗୁ ରିକ୍ସା ଚାଳକ ପିଙ୍କୁ ଚୌଧୁରୀ ଜଣେ ଗୋଦାମ ମାଲିକଙ୍କ ଜିନିଷ ନେଇ ଜେନା ସାହିକୁ ଯାଇଥିଲେ। ସେ ନିଜ ପଙ୍ଗୁ ରିକ୍ସା ସହ ଜିନିଷକୁ ଜେନା ସାହି ଠାରେ ରଖିଥିବା ବେଳେ ଉପରୋକ୍ତ ୨ଅଭିଯୁକ୍ତ ତାଙ୍କ ନିକଟକୁ ଆସି ଆମ ସାହିରେ ରିକ୍ସା ରଖିବୁ ନାହିଁ ବୋଲି ଧମକ ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ମାନେ ତାଙ୍କୁ ଲୁହା ଛଡ ଓ ପଥରେ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲେ। ପୁଲିସକୁ କହିଲେ ପରିବାରକୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଘଟଣାକୁ ନେଇ ପିଙ୍କୁ ଅଭିଯୋଗ କରିବା ପରେ ପୁଲିସ କେସ ନଂ ୨୪୩/୨୩ ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛି ଦିନ ପରେ ସେମାନେ ଜାମିନରେ ମୁକୁଳିଥିଲେ। ତଦନ୍ତ ଅଧିକାରୀ ପ୍ରଣତି ନାୟକ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣ ବେଳେ ମୋଟ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମାଜିଷ୍ଟ୍ରେଟ ଆଜି ଉପରୋକ୍ତ ରାୟ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ଏପିପି ସୁରେନ୍ଦ୍ରନାଥ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

# ବ୍ରହ୍ମପୁର ରେଳ ଷ୍ଟେସନ୍‌ର ବିକାଶ ଦାବି

## ପୂର୍ବତଟ ରେଳ ମହା ପ୍ରବନ୍ଧକଙ୍କ ସହ ଆଲୋଚନା

ବ୍ରହ୍ମପୁର,୨୧।୨(ସମିସ)



ବ୍ରହ୍ମପୁର ରେଳ ଷ୍ଟେସନର ବିକାଶ ନେଇ ଭୁବନେଶ୍ୱର ସ୍ଥିତ ପୂର୍ବତଟ ରେଳବାଇ ମହା ପ୍ରବନ୍ଧକଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରୟ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତାରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପୂର୍ବତଟ ରେଳବାଇ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଓ ଦକ୍ଷିଣ ଓଡ଼ିଶା ରେଳପଥ ମିଳିତ ଉନ୍ନୟନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ଗଞ୍ଜାମ ଓ ଦକ୍ଷିଣ ଓଡ଼ିଶାର ସାଧାରଣ ଜନତାଙ୍କ ବୃହତ୍ତର ସ୍ୱାର୍ଥକୁ ନେଇ ବହୁଦିନ ଧରି ଦାବି ହୋଇ ଆସୁଥିବା ବ୍ରହ୍ମପୁରକୁ ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ କରିବା, ୫ ଓ ୬ ନମ୍ବର ପ୍ଲାଟଫର୍ମ ନିର୍ମାଣ, ବ୍ରହ୍ମପୁରରେ କୋଚିଂ ଡିପୋ ପ୍ରତିଷ୍ଠା ଆଦି ଦାବି କରାଯାଇଛି। ସେହିପରି ଅଟକି ରହିଥିବା ବିଭିନ୍ନ ରେଳ ଫ୍ଲାଏ ଓଭର୍ (ଜଗନ୍ନାଥପୁର, ଆମ୍ବପୁଆ ଓ ସୋରଳ) ଓ ଦୈନିକ ଯାଉଥିବା କର୍ମଚାରୀ ଓ ସାଧାରଣ ଜନତାଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓ ଗମନାଗମନକୁ ସୁଗମ କରିବା ପାଇଁ ବ୍ରହ୍ମପୁରରୁ ଭୁବନେଶ୍ୱର, ବିଶାଖାପାଟଣା ଓ ପୁରୀକୁ ନିୟମିତ ରେଳର ବ୍ୟବସ୍ଥା କରିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ବ୍ରହ୍ମପୁରରୁ ନୂଆଦିଲ୍ଲୀ, ମୁମ୍ବାଇ ଓ ସୁରତକୁ ଦ୍ରୁତଗାମୀ ଦୈନିକ ଟ୍ରେନର ବ୍ୟବସ୍ଥା, ବ୍ରହ୍ମପୁର ଷ୍ଟେସନରେ ସବୁ ଦ୍ରୁତଗାମୀ ଟ୍ରେନର ରହଣି ବ୍ୟବସ୍ଥା, ଭୁବନେଶ୍ୱରରୁ ବ୍ରହ୍ମପୁରକୁ ଦ୍ରୁତଗାମୀ ଟ୍ରେନ ଗୁଡ଼ିକର ସମ୍ପ୍ରସାରଣ ଓ ଭୁବନେଶ୍ୱରରୁ ବ୍ରହ୍ମପୁର ଦିଗରେ ଯାଉଥିବା ସମସ୍ତ ଦ୍ରୁତଗାମୀ ଟ୍ରେନରେ ସ୍ଲିପର ଟିକେଟର ପୁନଃ ପ୍ରଚଳନ କରିବାକୁ ଦାବି ହୋଇଛି। ଦକ୍ଷିଣ ଓଡ଼ିଶାରେ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ବ୍ରହ୍ମପୁର-ସମ୍ବଲପୁର ଭାୟା ଫୁଲବାଣୀ, ଗୋପାଳପୁରରୁ ରାୟଗଡ଼ା ଓ ଗୋପାଳପୁରରୁ ତାଳଚେର ରେଳପଥ କାର୍ଯ୍ୟକୁ ତ୍ୱରାନ୍ୱିତ ନେଇ ମଧ୍ୟ ବିଭାଗ ପକ୍ଷରୁ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ମିଳିଥିବା ସୂଚନା ମିଳିଛି। ବୈଠକରେ ଅନ୍ୟମାନଙ୍କ ଦକ୍ଷିଣ ଓଡ଼ିଶା ରେଳପଥ ମିଳିତ ଉନ୍ନୟନ କ୍ରିୟାନୁଷ୍ଠାନ କମିଟିର ଆବାହକ ସରୋଜ ରଞ୍ଜନ ପଟ୍ଟନାୟକ, ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ସଭପତି ରାମ ପ୍ରସାଦ ତ୍ରିପାଠୀ, ଓଡ଼ିଶା ଡେଭଲପମେଣ୍ଟ ଫୋରମ୍ ସଚିବ ଭି. ସୋମେଶ୍ୱର ରାଓ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଡ଼. ବାଳକୃଷ୍ଣ ପଣ୍ଡା, ଇଂ. ତେଜେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

- ବ୍ରହ୍ମପୁରରୁ ନୂଆଦିଲ୍ଲୀ, ମୁମ୍ବାଇ ଓ ସୁରତକୁ ଦ୍ରୁତଗାମୀ ଟ୍ରେନ୍ ଚଳାଚଳ ଦାବି

ସକାଳ THE SAKALA



www.sakalaepaper.com

ଗଞ୍ଜାମ ଜିଲ୍ଲାରେ ମାଟ୍ରିକ ପରୀକ୍ଷା

# ପ୍ରଥମ ଦିନରେ ପରୀକ୍ଷା ଦେଲେନି ୬୭୧ ଛାତ୍ରଛାତ୍ରୀ





ବ୍ରହ୍ମପୁର, ୨୧।୨(ସମିସ)

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାରଠାରୁ ଦଶମ ବୋର୍ଡ଼ ପରୀକ୍ଷା ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ପରୀକ୍ଷାର୍ଥୀମାନେ ମାତୃଭାଷା ଓଡ଼ିଆ ବିଷୟରେ ପରୀକ୍ଷା ଦେଇଥିଲେ। ଏଥିରେ ଜିଲ୍ଲାର ସମସ୍ତ କେନ୍ଦ୍ରଗୁଡ଼ିକରେ ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ସମାପ୍ତ ହୋଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ ପ୍ରଧାନ କହିଛନ୍ତି। ପରୀକ୍ଷାର୍ଥୀମାନେ ସକାଳ ୭ଟା ୩୦ସମୟରେ ପରୀକ୍ଷା ହଲକୁ ପ୍ରବେଶ କରିଥିଲେ। ୯ଟା।ରୁ ୧୧ଟା ୩୦ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଗଞ୍ଜାମ ଜିଲ୍ଲାରେ ୬୪୮ଟି ବିଦ୍ୟାଳୟର ମୋଟ ୪୩ହଜାର ୧୫୫ଜଣ ଛାତ୍ରଛାତ୍ରୀ ଦଶମ ପରୀକ୍ଷା ନିମନ୍ତେ ଫର୍ମ ପୂରଣ କରିଥିବା ବେଳେ ପ୍ରାୟ ୪୨ହଜାର ୪୮୪ଜଣ ପରୀକ୍ଷା ଦେଇଛନ୍ତି। ଅବଶିଷ୍ଟ ପ୍ରାୟ ୬୭୧ଜଣ ପରୀକ୍ଷାର୍ଥୀ କେନ୍ଦ୍ରରେ ଅନୁପସ୍ଥିତ ରହିଛନ୍ତି। ସେହିପରି ପ୍ରଥମ ଦିନ ପରୀକ୍ଷାରେ କପି କରି କୌଣସି ପରୀକ୍ଷାର୍ଥୀ ଧରା ପଡ଼ି ନ ଥିବା ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ୪୨ହଜାର ୭୪୧ଜଣ ରେଗୁଲାର ଛାତ୍ରଛାତ୍ରୀ ରହିଥିବା ବେଳେ ପରୀକ୍ଷା କେନ୍ଦ୍ରରେ ପ୍ରଥମ ଦିନରେ ୪୨ହଜାର ୧୧୨ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ। ଅବଶିଷ୍ଟ ୬୨୯ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ପାଇଁ ମୋଟ ୩ଟି ପରୀକ୍ଷା କେନ୍ଦ୍ରରେ ୩୬୬ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୩୨୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୯ଜଣ ଅନୁପସ୍ଥିତ ରହିଥିଲେ। ମଧ୍ୟମା ପରୀକ୍ଷା ନିମନ୍ତେ ମୋଟ ୪୮ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଦିନ ପରୀକ୍ଷା କେନ୍ଦ୍ରରେ ୪୫ଜଣ ପରୀକ୍ଷାର୍ଥୀ ଉପସ୍ଥିତ ରହିଥିବା ବେଳେ ମାତ୍ର ୩ଜଣ ଅନୁପସ୍ଥିତ ରହିଛନ୍ତି। ଜିଲ୍ଲାରେ ୧୬ଟି ନୋଡାଲ ସେଣ୍ଟର ରହିଥିବା ବେଳେ ୨୧୭ଟି ପରୀକ୍ଷା କେନ୍ଦ୍ର ରହିଥିବା ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଚଳିତ ମାସ ୨୪ତାରିଖରେ ଇଂରାଜୀ ପରୀକ୍ଷା ରହିଛି। ମାର୍ଚ୍ଚ ୬ତାରିଖରେ ଦଶମ ବୋର୍ଡ଼ ପରୀକ୍ଷା ଶେଷ ହେବ।

## ଧରାକୋଟରେ ପରୀକ୍ଷା ଦେଲେନି ୨୩

ଧରାକୋଟ, ୨୧।୨(ସମିସ): ଧରାକୋଟ ବ୍ଲକର ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ଧରାକୋଟ, ଅନନ୍ତ ନାରାୟଣ ବିଦ୍ୟାପୀଠ ମୁଣ୍ଡମରାଇ, ବାଲୁକେଶ୍ୱର ଉଚ୍ଚ ବିଦ୍ୟାଳୟ ଓଲମ୍ବା, ବାସୁଦେବ ଉଚ୍ଚ ବିଦ୍ୟାଳୟ ଢ଼ଉଗାଁ ଓ ଜାହାଡା ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷର ଦଶମ ଶ୍ରେଣୀ ପରୀକ୍ଷା ଆରମ୍ଭ ହୋଇଛି। ଏହି ପାଞ୍ଚଟି କେନ୍ଦ୍ରରେ ପରୀକ୍ଷା ଦେବାପାଇଁ ୧୦୭୦ ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ପ୍ରଥମ ଦିନ ୨୩ ଜଣ ଅନୁପସ୍ଥିତ ରହିଛନ୍ତି। ବିଇଓ ଲିଙ୍ଗରାଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପରୀକ୍ଷାରେ ପର୍ଯ୍ୟବେକ୍ଷକ ଭାବରେ ପାଞ୍ଚଟି କେନ୍ଦ୍ରରେ ଏବିଇଓ ସୌରୀ ଶଙ୍କର ବେହେରା, ସୀମାଞ୍ଚଳ ବେହେରା, ବିଭୂତି ଭୂଷଣ ପାତ୍ର, ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ବେହେରା ଓ ପ୍ରଧାନ ଶିକ୍ଷୟିତ୍ରୀ ଅନିତା କୁମାରୀ ରଣସିଂହ ଉପସ୍ଥିତ ରହିଥିଲେ। ସେହିପରି ପରୀକ୍ଷକ ଭାବରେ ୭୯ ଜଣ ଉପସ୍ଥିତ ରହି ସୁଚାରୁ ରୁପେ ଦାୟିତ୍ୱ ନିର୍ବାହ କରିଥିଲେ।

## ବୁଗୁଡ଼ାରେ ଦେଲେ ୧୭୦୮, ଦେଲେନି ୩୫

ବୁଗୁଡ଼ା, ୨୧।୨(ସମିସ): ୨୦୨୪-୨୫ ଦଶମ ଶ୍ରେଣୀ ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହୋଇଯାଇଛି। ବୁଗୁଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ୨୭ଟି ହାଇସ୍କୁଲର ଫର୍ମ ପୂରଣ କରିଥିବା ମୋଟ ୧୭୪୩ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭୦୮ ଜଣ ପରୀକ୍ଷା ଦେଇଥିବା ବେଳେ ୩୫ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ତେବେ ପରୀକ୍ଷା କେନ୍ଦ୍ରଗୁଡିକ ମଧ୍ୟରୁ ବୀରଧନଞ୍ଜୟପୁରସ୍ଥ ବୁଦ୍ଧଗିରି ବିଦ୍ୟାପୀଠ କେନ୍ଦ୍ରରେ ସର୍ବାଧିକ ୨୧୬ରୁ ୨୧୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ କେନ୍ଦ୍ରରେ ୧୯୦ରୁ ୧୮୫ ଜଣ, ବି.କରଡ଼ାବାଡ଼ି ସର୍ଦ୍ଦାର ଅନ୍ତର୍ଯ୍ୟାମୀ ବିଦ୍ୟାପୀଠରେ ୧୮୫ରୁ ୧୮୩ ଜଣ, ବାଲିପଦର ହାଇସ୍କୁଲରେ ୨୦୦ରୁ ୧୯୮ ଜଣ, ତାଳସାକର ମହାମାୟୀ ହାଇସ୍କୁଲରେ ୧୮୪ରୁ ୧୮୨ ଜଣ, ପଙ୍କଳବାଡି ରିଜିଓନାଲ ଏଗ୍ରିକଲଚର ହାଇସ୍କୁଲରେ ୧୭୭ରୁ ୧୭୧ ଜଣ, ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ଗାର୍ଲସ୍ ହାଇସ୍କୁଲରେ ୧୮୧ରୁ ୧୭୯ ଜଣ, ପୋଟାଲୁଣ୍ଠି ଗ୍ରାମସ୍ଥ ମା' କାଳୀ କୃଷକ ହାଇସ୍କୁଲ କେନ୍ଦ୍ରରେ ୧୫୮ ରୁ ୧୫୭ ଜଣ, ମାଣିତରା ରିଜିଓନାଲ ହାଇସ୍କୁଲ କେନ୍ଦ୍ରରେ ୧୩୭ରୁ ୧୩୫ ଜଣ ଏବଂ କରଚୁଲି ଶକୁନ୍ତଳା ବିଦ୍ୟାପୀଠ କେନ୍ଦ୍ରରେ ସର୍ବନିମ୍ନ ୧୧୫ରୁ ୧୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି।

## ଛତ୍ରପୁରରେ ପରୀକ୍ଷା ଦେଲେନି ୨୯ ପରୀକ୍ଷାର୍ଥୀ

ଛତ୍ରପୁର, ୨୧।୨(ସମିସ): ଚଳିତ ବର୍ଷ ମାଟ୍ରିକ ପରିକ୍ଷା ଶୁକ୍ରବାର ଦିନ ଠାରୁ ଆରମ୍ଭ ହୋଇଛି। ଶାନ୍ତିଶୃଙ୍ଖଳା ସହ ପ୍ରଥମ ଦିବସ ଶେଷ ହୋଇଛି। ଏଥିପାଇଁ ବୋର୍ଡ ଓ ସ୍ଥାନୀୟ ପ୍ରଶାସନ ସବୁ ପ୍ରକାର ବ୍ୟବସ୍ଥା କରିଛି। ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ଅଧିନରେ ୧୧ଟି ସ୍କୁଲରେ ୧୧ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୨୦୦୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବାବେଳେ ୧୯୭୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। କୌଣସି କାରଣ ବଶତଃ ୨୯ଜଣ ପିଲା ପରୀକ୍ଷା ଦେଇ ନ ଥିବା ବିଇଓ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସେହିପରି ଛତ୍ରପୁର ସ୍ଥିତ ସରକାରୀ ବାଳିକା ବିଦ୍ୟାଳୟରେ (ଏସଓସିଏସ) ପିଲାମାନେ ପରୀକ୍ଷା ଦେଇଛନ୍ତି। ସେଠାରେ ୧୦୮ ଜଣ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବାକୁ ଥିବାବେଳେ ୯୬ ଜଣ ପରୀକ୍ଷା ଦେଇଛନ୍ତି, କୌଣସି କାରଣ ବସତଃ ୧୨ ଜଣ ପରୀକ୍ଷା ଦେଇନାହାନ୍ତି। କପି ରୋକିବା ପାଇଁ ଜିଲ୍ଲା ଶିକ୍ଷାବିଭାଗ ପକ୍ଷରୁ ତ୍ରିସ୍ତରୀୟ ସ୍କ୍ୱାଡ, ଜିଲା ପ୍ରଶାସନ ପକ୍ଷରୁ ଏବଂ ବୋର୍ଡ ପକ୍ଷରୁ ମଧ୍ୟ ସ୍କ୍ୱାର୍ଡ ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଶେରଗଡ଼ରେ ୪୭ ଛାତ୍ରଛାତ୍ରୀ ଅନୁପସ୍ଥିତ

ଶେରଗଡ଼, ୨୧।୨(ସମିସ): ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ବ୍ଲକର ୮ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୬୩୪ ମଧ୍ୟରୁ ଆଜି ପ୍ରଥମ ଦିନରେ ୪୭ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡ଼ିଛି।। ଚଳିତ ବର୍ଷ ଶେରଗଡ଼ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଥିବାବେଳେ ଶୁକ୍ରବାର ସକାଳୁ ସମସ୍ତ କେନ୍ଦ୍ରରେ ପ୍ରଶ୍ନ ପତ୍ର ପହଞ୍ଚି ଥିଲା। ପରୀକ୍ଷା ଦେବାକୁ ଥିବା ମୋଟ ୧୬୩୪ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶେରଗଡ଼ ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ୨୭୬ ମଧ୍ୟରୁ ୦୯, ବାଳିକା ଉଚ୍ଚ ବିଦ୍ୟାଳୟରେ ୨୩୬ ମଧ୍ୟରୁ ୦୭, କରଡାକଣା ଉଚ୍ଚ ବିଦ୍ୟାଳୟରେ ୨୩୭ ମଧ୍ୟରୁ ୦୬, ତାକରଡା ଶହୀଦ ଉଚ୍ଚ ବିଦ୍ୟାଳୟରେ ୨୪୧ ମଧ୍ୟରୁ ୧୫, ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ୧୫୬ ମଧ୍ୟରୁ ୦୩, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟରେ ୧୬୧ ମଧ୍ୟରୁ ୦୩, ପିଉଳ ବାଳକ ଉଚ୍ଚ ବିଦ୍ୟାଳୟରେ ୧୭୦ ମଧ୍ୟରୁ ୦୪ ଅନୁପସ୍ଥିତ ଥିବା ବେଳେ କୁରୁଳା ଉଚ୍ଚ ବିଦ୍ୟାଳୟରେ ସମସ୍ତ ୧୫୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଥିବା ଜଣାପଡ଼ିଛି। ଶେରଗଡ଼ ବ୍ଲକରେ ମୋଟ ୧୬୩୪ ଛାତ୍ରଛାତ୍ରୀ ମଧ୍ୟରୁ ୪୭ ଜଣ ଛାତ୍ରଛାତ୍ରୀ ପ୍ରଥମ ଦିନର ପରୀକ୍ଷାରେ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜଣାପଡ଼ିଛି।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ; ତିନି ଗୁରୁତର

ଆସିକା ୨୧।୨(ସମିସ): ଆସିକା ଥାନା ଅନ୍ତର୍ଗତ କରେଞ୍ଜେଇ ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତାର ଆହତଙ୍କୁ ପ୍ରଥମେ ଆସିକା ମେଡିକାଲ ଓ ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ମହିଳା ଜଣକ ହେଲେ ୨୫ ବର୍ଷୀୟ ମାମା ରେଡି। ଗୁରୁତର ଆହତମାନେ ହେଲେ ପ୍ରିୟଙ୍କା ରେଡି, ସୁମିତ୍ରା ରେଡି, ଶିବ ରେଡି। ମୃତକ ଓ ଆହତ ସମସ୍ତେ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ସୂଚନା ଥାଉକି ସାନପାଣ୍ଡିଆ ଅଞ୍ଚଳରୁ ଧାନ ବସ୍ତା ଧରି ଡାଲା ଅଟୋ ଯୋଗେ ନିଜ ଗାଁ ଧରାକୋଟ ଦାମଦର ପଲ୍ଲି ଅଞ୍ଚଳ କୁଆସୁଥିବା ବେଳେ କରେଞ୍ଜେଇ ନିକଟରେ ଦୁର୍ଘଟଣା ଘଟିଛି। ଖବର ପାଇ ଆସିକା ପୋଲିସ ପହଞ୍ଚି ମୃତ ଦେହକୁ ଜବତ କରି ତଦନ୍ତ ଜାରି ରଖିଥିବା ବେଳେ ଦୁର୍ଘଟଣା ଘଟାଇ ଥିବା ଅଜଣା ଗାଡି ଚାଳକ ଫେରାର ଥିବା ଜଣା ପଡ଼ିଛି।

## ବୁଗୁଡ଼ାରେ ବିଶ୍ୱ ମାତୃଭାଷା ଦିବସ

ବୁଗୁଡ଼ା, ୨୧।୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶ ମନ୍ଦିର ପକ୍ଷରୁ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ପ୍ରମୋଦ ଚନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପିପୁଲ୍ସ କଲେଜର ଓଡ଼ିଆ ଅଧ୍ୟାପକ ସଞ୍ଜୟ ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି କୋଷାଧ୍ୟକ୍ଷ



ତ୍ରିଲୋଚନ ସାହୁ ଓ ସଦସ୍ୟା ସୁଲୋଚନା ଡାକୁଆ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏ ଅବସରରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁମା ତେଜସ୍ୱିନୀ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନାଚାର୍ଯ୍ୟ ଆଟଲ୍ ଲିଙ୍ଗରାଜ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୁରୁଜୀ ଡି.ଗାନ୍ଧୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଦିଗପହଣ୍ଡିରେ ମାତୃଭାଷା ଦିବସ

ଦିଗପହଣ୍ଡି, ୨୧।୨(ସମିସ): ଦିଗପହଣ୍ଡି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଶୁକ୍ରବାର ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ସୁଶାନ୍ତ କୁମାର ବେହେରାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଖେମୁଣ୍ଡି ଓକିଲ ସଂଘର ସଭାପତି ହରପ୍ରସାଦ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭାଷା ମନର ଭାବନାକୁ ଅନ୍ୟ ନିକଟରେ ପହଞ୍ଚାଇବାର ସର୍ବଶ୍ରେଷ୍ଠ ମାଧ୍ୟମ ହୋଇଥିବା ବେଳେ ପ୍ରଥମେ ନିଜ ମାତୃଭାଷାର ସୁରକ୍ଷା ଦିଗରେ ସମସ୍ତେ ଉଦ୍ୟମ ଜାରି ରଖିବା ଦରକାର ବୋଲି ସେ କହିଥିଲେ। ପ୍ରଧାନାଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ, ଭଗବତୀ ପ୍ରସାଦ ମିଶ୍ର, ମାତୃଭାଷା ବିଭାଗୀୟ ମୁଖ୍ୟ ପ୍ରମୋଦ ଶେଖର ଡାକୁଆ ଏଥିରେ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଆଚାର୍ଯ୍ୟ ବାବୁଲା ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ଆଚାର୍ଯ୍ୟ ସୁରେଶ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଦଳାରେ ବିଶ୍ୱ ମାତୃଭାଷା ଦିବସ

କୋଦଳା, ୨୧।୨(ସମିସ): ଶୁକ୍ରବାର କୋଦଳା ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟ ପରିସରରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରଘୁନାଥ ମୁଦୁଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାତୃଭାଷାର ମହତ୍ୱ ବିଷୟରେ ଆଲୋକପାତ କରିଥଲେ। ସମ୍ମାନନୀୟ ଅତିଥି ଭାବରେ ଅଧ୍ୟାପକ ଡକ୍ଟର ବିଷ୍ଣୁନାରାୟଣ ସେଠୀ, ଅଧ୍ୟାପକ ସପନ କୁମାର ଦାଶ, ଅଧ୍ୟାପିକା ରଞ୍ଜୁବାଳା ନନ୍ଦ, ଡକ୍ଟର ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା, ପ୍ରଚାର, ପ୍ରସାର ଓ ସମୃଦ୍ଧି ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ କରିବା ନିମନ୍ତେ ଓଡ଼ିଆ ରଚନା ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

● ହୁଗୁଲାପଟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ କର୍ମଚାରୀ ବିଳମ୍ବରେ ଆସୁଥିବା ଘଟଣା...

## ମେଡିକାଲ ଅଫିସର ଓ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ

ବ୍ରହ୍ମପୁର, ୨୧।୨(ସମିସ): କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ହୁଗୁଲାପଟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ) କୁ କର୍ମଚାରୀମାନେ ଘଣ୍ଟା ଘଣ୍ଟା ବିଳମ୍ବରେ ଆସୁଥିବା ଘଟଣା ସମ୍ପର୍କରେ ଖବର ପ୍ରକାଶ ପରେ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ବୁଧବାର ହୁଗୁଲାପଟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଡ଼ା. ଲିପ୍ସା ରାଣୀ ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ ମଗାଯାଇଥିବା କୁକୁଡ଼ାଖଣ୍ଡି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡ଼ା. ସୁମିତ ସାହୁ କହିଛନ୍ତି। ୩ରୁ ୪ଦିନ ମଧ୍ୟରେ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଛି। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆୟୁଷ ଡାକ୍ତର ସମେତ ଅନ୍ୟାନ୍ୟ କର୍ମଚାରୀ ବିଳମ୍ବରେ ଆସିଥିବା ଘଟଣାକୁ ନେଇ ହୁଗୁଲାପଟା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡ଼ିକାଲ ଅଫିସର ଡ଼ା. ଲିପ୍ସା ରାଣୀ ପଣ୍ଡାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଉକ୍ତ କର୍ମଚାରୀମାନେ ୩ରୁ ୫ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଥିବା ମେଡ଼ିକାଲ ଅଫିସର ଡ଼ା. ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ ଯେ, ଚଳିତମାସ ୧୮ତାରିଖରେ ହୁଗୁଲାପଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନୂତନ)କୁ ଆଲୋପାଥି ଡାକ୍ତର, ଆୟୁଷ ଡାକ୍ତର, ନିର୍ସିଂ ଅଫିସା, ଏଲଟି ଓ ଆଉସକିପିଂ କର୍ମଚାରୀମାନେ ବିଳମ୍ବରରେ ଆସିଥିଲେ। ସକାଳ ୮ଟା ସମୟ ପରିବର୍ତ୍ତେ ଉକ୍ତ କର୍ମଚାରୀମାନେ ପ୍ରାୟ ସକାଳ ୧୦ଟା ଠାରୁ ୧୦ଟା ୩୦ସମୟ ମଧ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ଫଳରେ ଚିକିତ୍ସା ନିମନ୍ତେ ବହୁ ରୋଗୀ ଡାକ୍ତରଙ୍କ ଅପକ୍ଷାରେ ରହିଥିବା ଦେଖିବାକୁ ମିଳିଛି। ଏହାକୁ ନେଇ ଖବର ପ୍ରକାଶ ହୋଇଥିବା ବେବେ ଘଟଣାକୁ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ବିଳମ୍ବରେ ଆସିଥିବା ମେଡ଼ିକାଲ ଅଫିସରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା।

● ଆକ୍ସନ ମୁଡ୍‌ରେ କାର୍ଯ୍ୟନିର୍ବାହୀ ଅଧିକାରୀ

## ଏନ୍‌ଏସିରେ ଜବରଦଖଲ ଉଚ୍ଛେଦ

ପୋଲସରା, ୨୧।୨(ସମିସ): ପୋଲସରା ଏନଏସିର ସୌନ୍ଦର୍ଯ୍ୟକରଣ ଲାଗି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ କିଛି ମୁଷ୍ଟିମେୟ ବ୍ୟବସାୟୀଙ୍କ ମନମୁଖି କାର୍ଯ୍ୟକଳାପ ଯୋଗୁଁ ମୁଖ୍ୟ ସଡ଼କ ସଙ୍କୁଚିତ ହେବା ସହ ସଦା ସର୍ବଦା ଟ୍ରାଫିକ



ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହେଉଥିଲା। ଏସବୁ ସମସ୍ୟା ଜନିତ ବିଶୃଙ୍ଖଳାକୁ ନେଇ ନୂତନ ଭାବେ ଯୋଗ ଦେଇଥିବା ପୋଲସରା ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଜେନା ଏନଏସିକୁ ଜବରଦଖଲମୁକ୍ତ କରିବା ପାଇଁ ଶୁକ୍ରବାର ପୋଲସରା ଥାନା ଅଧିକାରୀ କୌଶିକ୍ ମାଝି ଏବଂ ତାଙ୍କ ବିଭାଗୀୟ ସମସ୍ତ ଅଧିକାରୀ ମାନଙ୍କୁ ସାଙ୍ଗରେ ନେଇ ମୁଖ୍ୟ ସଡ଼କ ପଥର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ଡ୍ରେନ୍ ଉପରୁ ଜବରଦଖଲ ଉଚ୍ଛେଦ କରିଥିଲେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଜେନା। ଶୁକ୍ରବାର ଗୋଟିଏ ଦିନରେ ପୋଲସରା ଏନଏସି ଅଫିସରୁ ଆରମ୍ଭ କରି ରାଣିପଡ଼ା ଛକର ଉଭୟ ପାର୍ଶ୍ୱର ପ୍ରତ୍ୟେକଟି ବ୍ୟବସାୟିକ ଅନୁଷ୍ଠାନର ମୁଖ୍ୟଙ୍କୁ ଭେଟି ଜବରଦଖଲ ନକରିବା ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏପରିକି ଜାଣିଶୁଣି ଜବରଦସ୍ତ ଦଖଲ କରିଥିବା କିଛି ମୁଷ୍ଟିମେୟ ବ୍ୟବସାୟୀଙ୍କ ଠାରୁ ମୋଟା ଅଙ୍କର ଫାଇନ୍ ମଧ୍ୟ ଆଦାୟ କରାଯାଇଥିଲା। ଏପରିକି ପୋଲସରା ସହରର ଆସ୍ଥା ବିଶ୍ୱାସ ଓ ସ୍ୱଚ୍ଛତାକୁ ନେଇ ପୋଲସରା ଏନଏସି ବିକାଶର ନୂତନ ମାଇଲ୍ ଖୁଣ୍ଟ ଅତିକ୍ରମ କରିବ। ଏନେଇ ସମସ୍ତ ଜନସାଧାରଣଙ୍କ ସହଯୋଗ ରିହିବା ନିତାନ୍ତ ଆବଶ୍ୟକତା ରହିଛି ବୋଲି ସଚେତନତାର ବାର୍ତ୍ତା ଦେଇଥିଲେ ନିର୍ବାହୀ ଅଧିକାରୀ ଶ୍ରୀ ଜେନା। ଏହି ଅବସରରେ କନିଷ୍ଠ କିରାଣୀ ପ୍ରଦୀପ କୁମାର ସାହୁ, ଭଗବାନ ସାହୁ, ସୁଦାମ ସାହୁ, ସୁଜିତ ବରାଡ଼, ସ୍ୱାଗତିକା ମାହାନ୍ତି, ପଞ୍ଚାନନ ସେଠୀ, ବାଳକୃଷ୍ଣ ବେହେରା, ବିଶ୍ୱଜିତ ବରାଡ, ଯାଜ୍ଞସେନୀ ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଓ ପୁଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## କୋଦଳା ଜଗନ୍ନାଥଙ୍କ ନବକଳେବର ପାଇଁ ଦାରୁ ଚିହ୍ନଟ



କୋଦଳା, ୨୧।୨(ସମିସ): କୋଦଳା ଭାଇଗା ସାହିରେ ପୂଜା ପାଉଥିବା ଜଗନ୍ନାଥ ବିଗ୍ରହଙ୍କୁ ଦୀର୍ଘ ୨୦୦ ବର୍ଷ ହୋଇଯାଇଥିବା ବେଳେ ମହାପ୍ରଭୁଙ୍କୁ ନବକଳେବର କରିବା ପାଇଁ ଗ୍ରାମବାସୀ ଓ ମନ୍ଦିର କମିଟି ନିଷ୍ପତ୍ତି ନେଇ ପୁରୀ ମୁକ୍ତିମଣ୍ଡପ ପୂଜାପଣ୍ଡାଙ୍କ ସହିତ ଆଲୋଚନା କରି ଯଦି ବିଗ୍ରହରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ, ତାହାହେଲେ ନୂତନ ବିଗ୍ରହ ନିର୍ମାଣ କରାଯାଇ ପାରିବ ବୋଲି ପ୍ରତିଶ୍ରୁତି ପାଇ ବିଧିବଦ୍ଧ ଭାବେ ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହାକୁ ନେଇ ଏକ କମିଟି ଗଠନ କରାଯିବା ସହିତ କର୍ତ୍ତା ଭାବେ ପ୍ରକାଶ ଚନ୍ଦ୍ର ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ବିଗ୍ରହ ନବକଳେବର ନିମନ୍ତେ ସମସ୍ତ ପ୍ରକାର ଉପଯୋଗୀ ବୃକ୍ଷର ସନ୍ଧାନ ପାଇବା ପରେ ଶୁକ୍ରବାର ମହାବାହୁଙ୍କ ଆଜ୍ଞା ମାଳ ଧରି ଏକ ନୂତନ ଶଗଡ଼ ସହିତ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଗ୍ରାମ ପରିକ୍ରମା କରିବା ସହିତ ମର୍ଦ୍ଦମେଖ ପଞ୍ଚାୟତ ଦିଗୀ ଗ୍ରାମରେ ଥିବା ଉକ୍ତ ବୃକ୍ଷ ମୂଳେ ପହଞ୍ଚି ଆଜ୍ଞାମାଳ ପ୍ରଦାନ କରି ଫେରିଥିବା ବେଳେ ଶନିବାର ଠାରୁ ହୋମ ଓ ପୂଜା କାର୍ଯ୍ୟ ଆରମ୍ଭ ହୋଇ ସୋମବାର ଦାରୁ ପହଞ୍ଚିବା ବ୍ୟବସ୍ଥା ହୋଇଥିବା ନେଇ କର୍ତ୍ତା ପ୍ରକାଶ କରିଛନ୍ତି। ସମୟାନୁକ୍ରମେ ମୁକ୍ତି ମଣ୍ଡପ ନିର୍ଦ୍ଦେଶ ଅନୁଯାଇ ସମସ୍ତ କାର୍ଯ୍ୟ ଶେଷ ହୋଇ ମହାପ୍ରଭୁଙ୍କ ହୋମ ଯଜ୍ଞ ସହିତ ମହାପ୍ରଭୁଙ୍କ ନବକଳେବର କରାଯିବ। ପୁରୀ ଭଳି ସମସ୍ତ କାର୍ଯ୍ୟ ହୋଇନପାରିଲେ ମଧ୍ୟ ଯଥା ସମ୍ଭବ ସବୁ କାର୍ଯ୍ୟ ଯେମିତି ଭଲରେ ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଗ୍ରାମବାସୀ କହିଛନ୍ତି।

● ଖୋଲୁନି ଶ୍ରୀଜୟକୃଷ୍ଣ ପାଠାଗାର

## ପୁସ୍ତକପ୍ରେମୀ ମହଲରେ ଅସନ୍ତୋଷ

ରମ୍ଭା/ହୁମ୍ମା, ୨୧।୨(ସମିସ): ରମ୍ଭା ଏନ୍‌ଏସି ଜେଟି ରୋଡ଼ ଚିଲିକା କୂଳକୁ ଲାଗିଥିବା ଶ୍ରୀଜୟକୃଷ୍ଣ ବାହିନୀପତି ସରକାରୀ ପାଠାଗାରଟି ଖୋଲା ଯାଉନଥିବା ଅଭିଯୋଗ ହୋଇଛି। କେବଳ ସପ୍ତାହକୁ ଦୁଇ ଥର ଖୋଲା ଯାଉଥିବାବେଳେ ସେ ପୁଣି ଏକ ଘଣ୍ଟାରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଖୋଲାଯାଉଛି। ଏହି ପାଠାଗାରଟି ୧୯୩୧ ମସିହାରେ ସ୍ଥାପିତ ହୋଇଥିଲା। ପାଠାଗାରକୁ ଦୈନିକ ଶତାଧିକ ରମ୍ଭା ବାସିନ୍ଦା ଓ ପର୍ଯ୍ୟଟକ ପଢ଼ିବାକୁ ଆସୁଥିଲେ। କିନ୍ତୁ ପ୍ରଶାସନର ଅବହେଳା ଯୋଗୁଁ ବର୍ତ୍ତମାନ ପାଠାଗାର ଖୋଲା ଯାଉନଥିବା ପୁସ୍ତକ ପ୍ରେମୀ ଅଭିଯୋଗ କରିଛନ୍ତି।



ଫଳରେ ପାଠଗାରଟି ଭୂତ କୋଠୀ ଓ ଉଇହୁଙ୍କା ହେବାକୁ ଥିବା ଅବସ୍ଥାରେ ଅଛି। ପାଠାଗାରର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଆସୁଥିବା ସରକାରୀ ଅନୁଦାନ କେଉଁଠି ଖର୍ଚ୍ଚ ହେଉଛି ସମସ୍ତେ ଅଜଣା। ଆସୁଥିବା ବହିପତ୍ର ସବୁ ନଷ୍ଟ ହେବାକୁ ଯାଉଛି। ବ୍ଲକ ପ୍ରଶାସନ ସରକାରୀ ଅନୁଦାନ କେଉଁ ବାବଦରେ ଖର୍ଚ୍ଚ ହେଉଛି ତାହାର ତଦନ୍ତ କରିବା ସହ ଏହି ପୁରାତନ ସରକାରୀ ପାଠାଗାରାକୁ ଏକ ଲାଇବ୍ରେରିଆନ ଓ ପିଅନ ଯୋଗାଇବା ପାଇଁ ରମ୍ଭାବାସୀ ଦାବି କରିଛନ୍ତି।

## ଗ୍ରୀଷ୍ମ ଆରମ୍ଭରୁ ବୋଡ଼ା ନଦୀ ଶୁଖିଲା; ଘାରିଲାଣି ଜଳ ସଂକଟ



ଜଗନ୍ନାଥପ୍ରସାଦ, ୨୧।୨(ସମିସ)

ଜଗନ୍ନାଥପ୍ରସାଦ ବ୍ଲକ ସମେତ ସୁଦୂର ଦୁର୍ଗମ ଅଞ୍ଚଳ ଓ ସହରାଞ୍ଚଳକୁ ଘେରି ରହିଛି ବୋଡା ନଦୀ। ଏହି ନଦୀ ଅଞ୍ଚଳରେ ଥିବା ଚାଷୀଭାଇଙ୍କ ପାଇଁ ବାର୍ଷିକ ଜଳ ଯୋଗାଉଥିବା ବେଳେ ବ୍ଲକର ୨୫ପଞ୍ଚାୟତକୁ ମଧ୍ୟ ପାନୀୟ ଜଳ ଯୋଗାଇବାରେ ସହାୟକ ହୋଇଥାଏ। ହେଲେ ଆଜି ସେହି ବୋଡାନାଡୀର ଅବସ୍ଥା ଶୋଚନୀୟ। ନଦୀରେ ବାଲି ନ ଥିବାରୁ ଟାଙ୍ଗରା ଭୂଇଁ ଦିଶୁଛି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ଅଞ୍ଚଳବାସୀଙ୍କୁ ଘାରିଛି ପାନୀୟ ଜଳ ଶଙ୍କଟ। ନଦୀର ଜଳସ୍ତର ବର୍ତ୍ତମାନ ଭୂତଳ ମୁହାଁ ହୋଇ ରହିଛି। ନଦୀର ଉପର ମୁଣ୍ଡରେ ଥିବା 'ଲଙ୍କାଗଡ଼' ଡ୍ୟାମ ମଧ୍ୟ ଶୁଖିଲା ପଡ଼ିଛି। ଫଳରେ ଏହି ନଦୀର ସ୍ରୋତ ମରିଯାଇଛି। ଏହି ବୋଡାନଦୀ ଯାଇ ଆସ୍କା ବୋଡାନଦୀ ସହିତ ମିଶିଥିବା ସ୍ଥାନୀୟ ଲୋକେ କୁହନ୍ତି। ଦିନେ ଏହି ନଦୀରେ ବର୍ଷା ଓ ଗ୍ରୀଷ୍ମ ଋତୁରେ ପ୍ରବଳ ପାଣି ପ୍ରବାହିତ ହେଉଥିଲା। ସେଥିପାଇଁ ନଦୀ କୂଳିଆ ଲୋକ ବର୍ଷକ ବାରମାସ ଚାଷ କରି ପରିବାର ଭରଣ ପୋଷଣ କରୁଥିଲେ। ଏପରିକି ସ୍ଥାନୀୟ ଲୋକଙ୍କ ଶୋଷ ମେଣ୍ଟାବା ସହ ବନ୍ୟ ଜୀବଜନ୍ତୁ ମଧ୍ୟ ଶୋଷ ମେଣ୍ଟାଉଥିଲେ। ବର୍ତ୍ତମାନ ଏହି ନଦୀ ସତ୍ତା ହରାଇବାକୁ ବସିଛି। ନଦୀରେ ବାଲି ସ୍ତର ନ ଥିବା ଯୋଗୁଁ ପାଣିର ସୁଅ କମିଯାଇଛି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ନଦୀର ଉପର ମୁଣ୍ଡ ଓ ତଳ ଭାଗରେ ଆଗୁଆ କୃତିମ ଘାଇ ତିଆରି କରିବା ସହ ବ୍ଲକ ପ୍ରଶାସନ ଉଚିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆନ୍ଧ୍ରରେ ୩ ଓଡ଼ିଆ ମହିଳା ଅଟକ

### ଉଦ୍ଧାର ପାଇଁ ପରିବାର ବର୍ଗଙ୍କ ନିବେଦନ

**ଦିଗପହଣ୍ଡି,୨୧।୨(ସମିସ):** ଆନ୍ଧ୍ରପ୍ରଦେଶର ପଶ୍ଚିମ ଗୋଦାବରୀ ଜିଲ୍ଲା ଅନ୍ତର୍ଗତ ମଙ୍ଗଲତୁରୁ ନିକଟ ଭାରମା ମେରାଇନର ଏକ ଲେଡିଜ ହଷ୍ଟେଲରେ ୩ ଜଣ ଓଡ଼ିଆ ମହିଳା ବେଆଇନ ଭାବେ ଅଟକ ରହିଥିବା ଅଭିଯୋଗ ହୋଇଛି। ଏକ ଘରୋଇ କମ୍ପାନୀ ପକ୍ଷରୁ ସେମାନଙ୍କୁ ଦୀର୍ଘ ୩ ମାସ ହେଲା ପାରିଶ୍ରମିକ ଦିଆଯାଇନଥିବା ବେଳେ ଘରକୁ ଫେରିବାକୁ ସୁଯୋଗ ଦିଆଯାଉନଥିବା ସୂଚନା ମିଳିଛି। ଅଟକ ରହିଥିବା ମହିଳା ମାନେ ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଭ୍ରମରପୁର ଗ୍ରାମର ଲକ୍ଷ୍ମୀ ଓରଫ ବେବିନା ସେଠୀ, ସୁବୁଦ୍ଧି ନାୟକ ଏବଂ ଶ୍ରୀୟା ନାୟକ ବୋଲି ଜଣାପଡିଛି। ଲକ୍ଷ୍ମୀଙ୍କ ମା'ଙ୍କର ଦେହ ଖରାପ ରହିଥିବାରୁ ସେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କୌଣସି ସୁଫଳ ମିଳିବା ପରିବର୍ତ୍ତେ ଓଲଟି ସେମାନଙ୍କୁ ହତ୍ୟା ଧମକ ସହ ନାନାଦି ନିର୍ଯାତନା ଦିଆଯାଉଥିବା ଲକ୍ଷ୍ମୀ କାନ୍ଦି କାନ୍ଦି ଫୋନ ଯୋଗେ ଅଭିଯୋଗ କରିଛନ୍ତି। ତେଣୁ ଗଞ୍ଜାମ ଜିଲ୍ଲା ପୁଲିସ ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସେମାନଙ୍କୁ ଉଦ୍ଧାର କରିବାକୁ ସେମାନେ ନେହୁରା ହୋଇଛନ୍ତି। ଫସି ରହିଥିବା ଲକ୍ଷ୍ମୀ ସେଠୀଙ୍କ ସହ ୮୪୫୫୯୩୨୬୧୮ ନମ୍ବରରେ ଯୋଗାଯୋଗ କରି ମହିଳା ମାନଙ୍କୁ ଉଦ୍ଧାର କରାଯିବାକୁ ପରିବାର ବର୍ଗଙ୍କ ପକ୍ଷରୁ ନିବେଦନ କରାଯାଇଛି। ଅପରପକ୍ଷରେ ଏନେଇ କେ.ନୂଆଗାଁ ଥାନା କିମ୍ବା ବ୍ଲକ,ତହସିଲ କାର୍ଯ୍ୟାଳୟରେ କୌଣସି ସୂଚନା ନଥିବା ଜଣାପଡିଛି।

## ମିଳୁନି ଉଚିତ ମୂଲ୍ୟ; ପରିବା ଫିଙ୍ଗିଲେ ଚାଷୀ



**ରମ୍ଭା,୨୧।୨(ସମିସ)**

ରମ୍ଭା ଥାନା ଇଲାକା କଣ୍ଟାପଡ଼ା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଧାନ ଚାଷ ଅପେକ୍ଷା ରବି ଫସଲ ତଥା ପନିପରିବା ଚାଷରେ ଅଧିକ ଦୁଇ ପଇସା ଲାଭ କରିବା ଆଶାରେ ଝଡିଆ ନାହାକ ନାମକ ଜନୈକ ଚାଷୀ ନିଜର ୩ ଏକର ଊର୍ଦ୍ଧ୍ୱ ଜମିରେ ଟମାଟ, କଞ୍ଚାଲଙ୍କା, ଥାଇଲ୍ୟାଣ୍ଡ ଏପଲ ବେରି, ମଧୁମେହ ପିଜୁଳି, କଲରା, ପତ୍ରକୋବି, ଫୁଲକୋବି ପ୍ରଭୃତି ଚାଷ କରିଥିଲେ। ତେବେ ଅଜଣା ରୋଗ, ବାଦୁଡ଼ି, କୁହୁଡି, ମୟୁରର ଶିକାର ହେବାରୁ ତାଙ୍କର ଲକ୍ଷାଧିକ ଟଙ୍କା କ୍ଷତି ହୋଇଛି। ସେହିପରି ୨୫ ହଜାର ଟଙ୍କାର ଟମାଟ ବିହନ ବୁଣି ୨୫ ଲକ୍ଷ ଟଙ୍କା ରୋଜଗାର ଆଶା ବାନ୍ଧିଥିବା ବେଳେ ତାହା ଆଜି କୁହୁଡିର ଶିକାର ହୋଇ ଜମିରେ ଫୋପଡା ଫିଙ୍ଗା ସାଙ୍ଗକୁ ହେକ୍ଟର ହେକ୍ଟର ଜମିରେ ପଚିସଢ଼ି ନଷ୍ଟ ହୋଇଥିବା ଲକ୍ଷ୍ୟ କରାଯାଇଛି। ତାରଜାଲି ବାଡ଼, ପଲିଥିନ ଆଚ୍ଛାଦିତ ବ୍ୟବସ୍ଥା ଓ ସମ୍ପୂର୍ଣ୍ଣ ଜୈବିକ ସାରରେ କୀଟନାଶକ ମୁକ୍ତ ଫଳ ଅମଳ କରି ବିଗତ ବର୍ଷ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଆଜି ତାହା ଉଜୁଡ଼ି ଯାଇଛି। ଏହା ହେଉଛି ଗଞ୍ଜାମ ଜିଲ୍ଲାର କୃଷି ବ୍ୟବସ୍ଥା। ଅମଳ ଉତ୍ପାଦ ସୁରକ୍ଷିତ ରଖିବା, ବଜାର ବ୍ୟବସ୍ଥା ନ ଥିବା, ଶୀତଳ ଭଣ୍ଡାର ସଂରକ୍ଷଣ ହୋଇ ନ ଥିବା ଫଳରେ ଦର ନିର୍ଦ୍ଧାରଣ କରୁଛନ୍ତି ଦଲାଲ। ବହୁ ବାର ପ୍ରଶାସନ ନିକଟରେ ଗୁହାରି ହୋଇଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୁଷ୍ଟ ଦେଖା ଦେଇଛି। ଭଲ ଫସଲ ହୋଇଥିଲେ ଚାଷୀ ତାର ପରିବାର ପ୍ରତି ପୋଷଣ କରି ସ୍ୱାବଲମ୍ବି ହୋଇପାରିଥାନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବେଆଇନ ମଦ ବିକ୍ରି; ଦୁଇ ଗିରଫ

ଆସିକା ୨୧।୨ (ସମିସ): ଆସିକା ଅଞ୍ଚଳରେ ଦୀର୍ଘଦିନ ହେଲା ଚୋରା ମଦ ବିକ୍ରି ନେଇ ଅଭିଯୋଗ ହୋଇ ଆସୁଥିଲା। ଥାନା ପରିସର ଭୁକ୍ତ ଝଗଡେଇ ଓ ସୁମନ୍ତ ପୋଲି ଗାଁ ନିକଟରେ ବେଆଇନ ଦେଶୀ ମଦ ବିକ୍ରି ଅଭିଯୋଗରେ ପୁଲିସ ଚଢ଼ଉ କରି ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଝଗଡେଇ ଗାଁର ସୀମାଞ୍ଚଳ ଦାସ ଏବଂ ସୁମନ୍ତ ପୋଲି ଗାଁର ଧବେଳେଶ୍ୱର ସାହୁଙ୍କ ନିକଟରୁ ୨୦ ଲିଟର ଦେଶୀ ମଦ ଜବତ କରିଛି ପୁଲିସ। ଏ ନେଇ ଆସିକା ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ଆଗକୁ ଏଭଳି ଚଢ଼ଉ ଜାରୀ ରହିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ଦୁର୍ଘଟଣାଗ୍ରସ୍ତ ଅଟୋ ଚାଳକଙ୍କ ମୃତ୍ୟୁ

**ଖଲ୍ଲିକୋଟ,୨୧।୨(ସମିସ):** ଗୁରୁବାର ୧୬ ନମ୍ବର ଜାତୀୟ ରାଜପଥରେ ଘଟିଥିବା କାର -ଅଟୋ ଦୁର୍ଘଟଣାରେ ଗୁରୁତର ହୋଇଥିବା ଅଟୋ ଡ୍ରାଇଭର ଅଶୋକ ସେନାପତିଙ୍କ ଛତ୍ରପୁର ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ୧୬ ନମ୍ବର ଜାତୀୟ ରାଜପଥର ପାନାନୁଆଗାଁ ନିକଟରେ ଏକ ଅଟୋ ରମ୍ଭା ଅଭିମୁଖେ ଯାଉଥିବାବେଳେ ପଛପଟୁ ଏକ କାର ଦ୍ରୁତ ଗତି ରେ ଆସି ଅଟୋକୁ ଧକ୍କା ଦେଇଥିଲା। ଧକ୍କା ଫଳରେ ଉଭୟ କାର୍ ଓ ଅଟୋ ରାସ୍ତା ତଳକୁ ଖସି ପଡ଼ିଥିଲେ। କିନ୍ତୁ ଅଟୋଟି ରାସ୍ତା ତଳକୁ ଖସି ଏକ ଗଛରେ ପିଟି ହୋଇ ଯାଇଥିଲା। ଫଳରେ ଅଟୋର ସାମନା ପଟ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଡ୍ରାଇଭର ଓ ଅଟୋରେ ବସିଥିବା ୪ ଜଣ ଯାତ୍ରୀ ଆହତ ହୋଇଥିଲେ। ସମସ୍ତଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ଅଟୋ ଡ୍ରାଇଭର ଅଶୋକ ସେନାପତିଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବ୍ରହ୍ମପୁର ନେବା ବେଳେ ଛତ୍ରପୁର ନିକଟରେ ଅବସ୍ଥା ଖରାପ ହେବାରୁ ଛତ୍ରପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ବିଳମ୍ବିତ ରାତି ରେ ଚିକିତ୍ସା ଚାଲିଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଆଜି ସକାଳୁ ଖଲ୍ଲିକୋଟ ପୁଲିସ ପହଞ୍ଚି ଶବକୁ ଜବତ କରି ବ୍ୟବଛେଦ ପାଇଁ ପଠାଇଥିଲା। ଶବ ବ୍ୟବଛେଦ ପରେ ଅପରାହ୍ନରେ ଅଶୋକଙ୍କ ନିଜ ଗ୍ରାମ ରମ୍ଭା ପନ୍ଦରା ସାହିରେ ପହଞ୍ଚିଥିଲା। ଏ ସମ୍ପର୍କରେ ଖଲ୍ଲିକୋଟ ଥାନା କେସ ନମ୍ବର ୧୫୬/୨୦୨୫ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

## ମଦ ଜବତ; ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୨୧।୨(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମର କେ.ସନ୍ତୋଷ ପାତ୍ରଙ୍କ ଦୋକାନରୁ ପୁଲିସ ବିଭିନ୍ନ ନାମୀ ଦାମୀ କମ୍ପାନୀ ପ୍ରସ୍ତୁତ ୧୦୬ଟି ବିଦେଶୀ ମଦ ବୋତଲ ଜବତ କରିଛି। ଥାନା ମାମଲା ନଂ.୭୮/୨୫ ଅନୁଯାୟୀ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଦିଗପହଣ୍ଡି ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି। ଗୁରୁବାର ସନ୍ଧ୍ୟାରେ ଥାନା ଏଏସଆଇ ଝୁନୁ ମାଝୀ ସଦଳବଳେ ଭୀଷ୍ମଗିରି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଗ୍ରାମର ରଥଦାଣ୍ଡ ଛକରେ ଥିବା ସନ୍ତୋଷ ଏକ କେବିନ୍‌ରେ ବିଦେଶୀ ମଦ ବୋତଲ ମହଜୁଦ ରଖି ବେଆଇନ ଭାବେ ବିକ୍ରି କରୁଥିବା ଖବର ପାଇଥିଲେ। ଏଏସଆଇଙ୍କ ନେତୃତ୍ୱରେ ପୁଲିସ ଟିମ୍ ଉକ୍ତ କେବିନ୍ ଉପରେ ଅତର୍କିତ ଚଢଉ କରି ସାକ୍ଷ୍ୟ ମାନଙ୍କ ଉପସ୍ଥିତିରେ କେବିନ୍ ଭିତରୁ ୧୦୬ଟି ବିଦେଶୀ ମଦ ବୋତଲ, ପ୍ଲାଷ୍ଟିକ ଲିଟର ମାପ ସରଞ୍ଜାମ ଏବଂ ଏକ ଫ୍ରିଜ ଜବତ କରିବା ସହ ଦୋକାନ ମାଲିକ ସନ୍ତୋଷଙ୍କୁ ଗିରଫ କରିଥିଲେ।

## ଗଞ୍ଜେଇ ସହ କାର୍ ଜବତ; ଅଭିଯୁକ୍ତ ଫେରାର



**ଭଞ୍ଜନଗର,୨୧।୨(ସମିସ):** କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣବେଳେ ସ୍ଥାନୀୟ ଅବକାରୀ ବିଭାଗ ପକ୍ଷରୁ ଭଞ୍ଜନଗର ମୁଜାଗଡ ଫରେଷ୍ଟ ରାସ୍ତା ନିକଟରେ ଚଢ଼ଉ କରାଯାଇ ୨୧ କିଲୋ ଗଞ୍ଜେଇ ବୋଝେଇ ଏକ କାରକୁ ଜବତ କରାଯାଇଛି। ତେବେ ଏଥିରେ ସଂପୃକ୍ତ ଚାଲାଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ସୂଚନା ପ୍ରକାରେ କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ଖବର ପାଇ ଅବକାରୀ ବିଭାଗର କର୍ମଚାରୀ ମାନେ ୨୦ ତାରିଖ ରାତିରେ ଭଞ୍ଜନଗର - ଫୁଲବାଣୀ ମୁଖ୍ୟ ରାସ୍ତାର ମୁଜାଗଡ ନିକଟରେ ଜଗିରହିଥିଲେ। କିଛି ସମୟ ପରେ କାରଟି ଆସିବା ଦେଖି କାର୍ ଟିକୁ ଅଟକାଇଥିଲେ। ହେଲେ ଅବକାରୀ ପୁଲିସକୁ ଦେଖି କାର୍ ଡ୍ରାଇଭର ସହ ଗଞ୍ଜେଇ ଚାଲଣକାରୀ ଅନ୍ଧାରର ସୁଯୋଗ ନେଇ କାର ଟିକୁ କିଛି ଦୂରରେ ଅଟକାଇ ରାସ୍ତା କଡ ଜଙ୍ଗଲ ଭିତରକୁ ଚମ୍ପଟ ମାରିଥିଲେ। ଏପଟେ ସଂପୃକ୍ତ କାରକୁ ଯାଞ୍ଚ କରିବା ବେଳେ ସେଥିରୁ ୨୧ କିଲୋ ଗଞ୍ଜେଇ ଜବତ କରାଯାଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର କେଶ୍ ନମ୍ବର - ୧୪୩/୨୫ ରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାର ତଦନ୍ତକାରୀ ଅବକାରୀ ଥାନାଧିକାରୀ ଡମ୍ବରୁଧର ହରିଜନ ତଦନ୍ତ ଚଳାଇଥିବାବେଳେ ଏସଆଇ ଅଲ୍ଲିଭା ମାଝିଙ୍କ ନେତୃତ୍ୱରେ ଏଏସଆଇ ପରିଛାଙ୍କ ସହ ଅବକାରୀ ପୁଲିସ କର୍ମଚାରୀ ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

## ଜିଲ୍ଲା ସଂସ୍କୃତି ପରିଷଦର ବୈଠକ



**ଛତ୍ରପୁର,୨୧।୨(ସମିସ):** ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ନବଗଠିତ ଜିଲ୍ଲା ସଂସ୍କୃତି ପରିଷଦର ସାଧାରଣ ପରିଷଦ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକରେ ଜିଲ୍ଲାର ଲୋକକଳା ଗୁଡିକୁ ଦୀର୍ଘଜୀବୀ ରଖିବା ସକାଶେ କଳାକାରଙ୍କୁ ପ୍ରଦାନ କରାଯାଉଥିବା ପାରିଶ୍ରମିକ ବୃଦ୍ଧି କରାଯାଇଛି। ଜିଲ୍ଲାରେ ରହିଥିବା ଲୋକକଳା, ଲୋକ ସଙ୍ଗୀତ ଓ ଲୋକନୃତ୍ୟ ସମ୍ପର୍କିତ କର୍ମଶାଳା ଗୁଡିକୁ ଭଞ୍ଜନଗର, ଛତ୍ରପୁର ଏବଂ ବ୍ରହ୍ମପୁର ଉପଖଣ୍ଡରେ ଆୟୋଜନ କରିବା ସକାଶେ ନିଷ୍ପତ୍ତି ଗ୍ରହଣ କରାଗଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରଖଳଆର ପ୍ରତିଯୋଗିତା ଏବଂ କର୍ମଶାଳା ଆୟୋଜନ କରି ଚିତ୍ରକଳାର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେବା ସକାଶେ ବୈଠକରେ ସ୍ଥିର ହୋଇଯାଇଛି। ଗଞ୍ଜାମ ଜିଲ୍ଲାର ଲୋକ ନୃତ୍ୟ, ଲୋକସଙ୍ଗୀତ ଆଦି କ୍ଷେତ୍ରରେ ଯୁବପୀଢ଼ୀଙ୍କୁ ସାମିଲ କରି ଲୋକକଳାର ବିକାଶ ଓ ଦୀର୍ଘଜୀବୀ କରି ରଖିବା ଦିଗରେ ପଦକ୍ଷେପ ଗ୍ରହଣ ସକାଶେ ସଭ୍ୟ/ସଭ୍ୟାଗଣ ମତ ନେଇଥିଲେ। ଜିଲ୍ଲାସ୍ତରୀୟ ନାଟକ ମହୋତ୍ସବ, ଲୋକକଳା କର୍ମଶାଳା, ଏକକ ଅଭିନୟ, ସଙ୍ଗୀତ ଗାନ, ବକ୍ତୃତା, ଚିତ୍ରକଳା, ଶାସ୍ତ୍ରୀୟ ସଙ୍ଗୀତ ନୃତ୍ୟ କର୍ମଶାଳା ଓ ପ୍ରତିଯୋଗିତା ଆୟୋଜନ କରିବା ସକାଶେ ସ୍ଥିର କରାଗଲା। ଜିଲ୍ଲା ସଂସ୍କୃତି ବିଭାଗ ଆନକୂଲ୍ୟରେ ରହିଥିବା ଛତ୍ରପୁର ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ଏବଂ ବ୍ରହ୍ମପୁର ଠାରେ ରହିଥିବା ବିଜୁ ପଟ୍ଟନାୟକ ସଂସ୍କୃତି ଭବନର ମରାମତି, ଆବଶ୍ୟକୀୟ ଗୃହ ନିର୍ମାଣ ଏବଂ ଏହାର ରକ୍ଷଣା ବେକ୍ଷଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ସକାଶେ ନିଷ୍ପତ୍ତି ହୋଇଥିଲା। ଜିଲ୍ଲାର ଐତିହ୍ୟ କଳା, ସଂସ୍କୃତିର ସୁରକ୍ଷା ଓ ବିକାଶ ଦିଗରେ ବ୍ରହ୍ମପୁର ଠାରେ ସଂଗ୍ରହାଳୟ, ଆର୍ଟ ଗ୍ୟାଲେରୀ, ଚିତ୍ରକଳା କାରୁକାର୍ଯ୍ୟ, ଦୃଶ୍ୟ ଶ୍ରାବ୍ୟ ପ୍ରଦର୍ଶନୀ, ପ୍ରଶିକ୍ଷଣ କେନ୍ଦ୍ର, ହସ୍ତଶିଳ୍ପ, କଳା ଓ ଚାରୁକଳା ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ କେନ୍ଦ୍ର ଇତ୍ୟାଦି ନିର୍ମାଣ ସକାଶେ ବିଭାଗୀୟ ନିର୍ଦ୍ଦେଶ ପ୍ରକାରେ ଡିପିଆର୍ ପ୍ରସ୍ତୁତ କରିବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସଂପାଦକ ରବି ନାରାୟଣ ବେହେରା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଜିଲ୍ଲା ସଂସ୍କୃତି ପରିଷଦ ତଥା କୋଷାଧ୍ୟକ୍ଷ ପ୍ରହଲ୍ଲାଦ ପ୍ରଧାନ, ଆକାଶବାଣୀ ବ୍ରହ୍ମପୁର କେନ୍ଦ୍ରର ଉଦଘୋଷକ ଅମିତା ଦାଶ, ଜାତୀୟ ଯୁବ ପୁରସ୍କାର ପ୍ରାପ୍ତ ସାମାଜିକ କର୍ମୀ ତଥା କଳା ସଂଗଠକ ଅରୁଣ କୁମାର ଶତପଥୀ, ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଏବଂ ଲୋକକଳା ଗୁରୁ ପଦ୍ମଶ୍ରୀ ସ୍ୱର୍ଗତ ଭଗବାନ ସାହୁଙ୍କ ନାତି ବିଘ୍ନେଶ୍ୱର ସାହୁ, ଭାରତଲୀଳା ବରିଷ୍ଠ ଗୁରୁ ରଙ୍ଗନିଧି ବେହେରା, ଖଲ୍ଲିକୋଟ ଚାରୁ କାରୁକଳା ମହା ବିଦ୍ୟାଳୟଙ୍କ ଅଧ୍ୟକ୍ଷଙ୍କ ପ୍ରତିନିଧି ବିପିନ ଚନ୍ଦ୍ର ସେଠୀ ଏବଂ ସଂସ୍କୃତି ବିଭାଗୀୟ କର୍ମଚାରୀ କେଶବ ବେହେରା ଓ ଚନ୍ଦର ଶେଖର ଆଚାର୍ଯ୍ୟ ଉପସ୍ଥିତ ଥିଲେ।

## ମୃତକଙ୍କ ପରିବାରକୁ ସହାୟତା

**ଛତ୍ରପୁର,୨୧।୨(ସମିସ):** ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ସୁନ୍ଦରପୁର ପଞ୍ଚାୟତ ଅର୍ଜୁନପଲ୍ଲୀ ଗ୍ରାମର ମୁନା ନାହାକ ଏବଂ ତାଙ୍କ ଝିଅ କ୍ରୀଷ୍ଣା ନାହାକ ଗୁରୁବାର ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ମୁନାଙ୍କ ମୃତ୍ୟୁ ଘଟିଥିବା ବେଳେ କ୍ରୀଷ୍ଣା ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଚିକିତ୍ସିତ ଅଛନ୍ତି। ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ରେଡକ୍ରସ୍ ପାଣ୍ଠିରୁ ଜଣକ ପିଛା ୩୦ ହଜାର ହିସାବରେ ଦୁଇ ଜଣଙ୍କ ନିମନ୍ତେ ମୋଟ ୬୦ ହଜାର ଟଙ୍କା ଆର୍ଥିକ ସହାୟତା ତାଙ୍କ ପରିବାରବର୍ଗଙ୍କୁ ଛତ୍ରପୁର ଉପ ଜିଲ୍ଲାପାଳ ଶିବାଶିଷ ବରାଳ ପ୍ରଦାନ କରିଥିଲେ। ଏଥିସହ କ୍ରୀଷ୍ଣା ନାହାକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

## ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବରେ ସାଂସ୍କୃତିକ ସନ୍ଧ୍ୟା



**ବ୍ରହ୍ମପୁର,୨୧।୨(ସମିସ):** ଯୁସିପି ଇଞ୍ଜିନିୟରିଂ କଲେଜ ଖେଳ ପଡିଆରେ ଚାଲିଥିବା ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ମହୋତ୍ସବ ତିନି ଦିନରେ ପହଞ୍ଚିଛି। ମୁଖ୍ୟଅତିଥି ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ କୁମାର ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଏମସି ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ, ସିଡ଼ିଏମଓ ଡା. ବିଜୟ କୁମାର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଅଙ୍କୁଶପୁର ସ୍ଥିତ ବାବିରଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ କଲେଜ୍ ଅଧ୍ୟକ୍ଷ ଡ଼ା. ଚିନ୍ମୟ ପ୍ରସାଦ, ଅଶୋକ କୁମାର ବ୍ରହ୍ମା ବ୍ରହ୍ମପୁର ପ୍ରେସ କ୍ଲବ୍ ସଭାପତି, ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ, ଶକ୍ତିଧର ରାଜଗୁରୁ ଓ ସୁଶାନ୍ତ ସାବତ ସଭାପତି ମହାନ୍ ସଂଘ ପ୍ରମୁଖ ଅତିଥି ରୁପେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପୁପିନ୍ଦର ଓ ଗୁନ ଗୁନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପପୁ ପମ ପମ ତାଙ୍କ ଟିମ୍ ଏବଂ ସିନେ ଅଭିନେତ୍ରୀ ପୁନମ୍ ମିଶ୍ର, ଅନ୍ୱେଷାଙ୍କ ଯାଦୁରେ ଦର୍ଶକ ମତୁଆଲା ହୋଇଥିଲେ। ମହୋତ୍ସବ କମିଟିର ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ବିଷ୍ଣୁ ପ୍ରସାଦ ପଣ୍ଡା ଦ୍ୱିତୀୟ ଦିବସରେ ବୀବରଣୀ ପାଠ କରିଥିଲେ। ସ୍ୱାସ୍ଥ୍ୟ ମହୋତ୍ସବରେ ସକାଳ ସମୟରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବିତରଣ କରାଯାଇଥିଲା। ସଂଧ୍ୟାରେ ସ୍ଥାନୀୟ କଳାକାରଙ୍କ ସହ ମେଗା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସ୍ୱାସ୍ଥ୍ୟଜନିତ ଆଲୋଚନା ସଭା ଆୟୋଜିତ ହୋଇଥିଲା। ଏ ଅବସରରେ ଖ୍ୟାତନାମା ଅଭିନେତ୍ରୀ ଡ. ଶୀତଲ ପାତ୍ର ଯୋଗଦେଇଥିଲେ। ନବୀନ କୁମାର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନାରାୟଣ ମହାକୁଡ଼, ଦେବାଶିଷ ପଣ୍ଡା, ବିଜୟ ଅଧିକାରୀ, ରୋହିତ ପରିଡ଼ା, ସୀତାଂଶୁ ପଣ୍ଡା ରାଜୀବ ମିଶ୍ର, ଟୁଟୁ ବେହେରା, ସାଧନା ପାଢ଼ୀ, ନିବେଦିତା ପାଢ଼ୀ, ତପନ ପଣ୍ଡା, ନାଗେଶ୍ୱର ପୃଷ୍ଟି, କେଦାର ନାଥ ଜେନା, ଡ଼ା କିରଣ ପାଣିଗ୍ରାହି, କୃଷ୍ଣ ଚନ୍ଦ୍ର ପାଢି, ସୁଶାନ୍ତ କୁମାର ପାଳ ଓ ଲୋକ ସମ୍ପର୍କ ଅଧିକାରୀ ସୁଦୀପ ସାହୁ ଯୋଗ ଦେଇଥିଲେ।

## ଦୋକାନରେ ଭଙ୍ଗାରୁଜା; ଯୁବକ ଗିରଫ



ବେଲଗୁଣ୍ଠା,୨୧।୨(ସମିସ): ଗାଙ୍ଗପୁର ଥାନା ଅନ୍ତର୍ଗତ କେନ୍ଦୁପଦର ଗଣେଶ ଚନ୍ଦ୍ର ପ୍ରଧାନଙ୍କ ଦୋକାନରୁ ସେହି ଗ୍ରାମର ବୁଲୁ ଭୁୟାଁ ବୁଧବାର ରାତିରେ କିଛି ଜିନିଷ ଆଣିଥିଲେ। ଗଣେଶ ବୁଲୁକୁ ଜିନିଷର ଟଙ୍କା ମାଗିବାରୁ ବୁଲୁ ଟଙ୍କା ଦେବା ପରିବର୍ତ୍ତେ ତାଙ୍କ ଦୋକାନକୁ ପଥର ମାରିଥିଲା ଏବଂ ଦୋକାନ ସାମ୍ନାରେ ଥିବା ଅଟୋକୁ ଠେଙ୍ଗାରେ ମାରି କାଚ ଭାଙ୍ଗି ଦେଇ ଦୋକାନରେ ନିଆଁ ମାରିଦେଇ ପୋଡି ଦେବାକୁ ଧମକ ଦେଇଥିଲା। ଏନେଇ ଗଣେଶ ଶୁକ୍ରବାର ଗାଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ଆଧାରରେ ଗାଙ୍ଗପୁର ଥାନାରେ ୧୧୯/୨୫ ନାମରେ ଏକ ମାମଲା ରୁଜୁ କରି ପୁଲିସ ବୁଲୁକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ବୁଲୁ ନାମରେ ପୂର୍ବରୁ ଦୁଇଟି ମାମଲା ଥିବା ଏବଂ ସେ ଜାମିନରେ ଆସିଥିବା ଥାନା ପକ୍ଷରୁ କୁହାଯାଇଛି।

## ବିଏମ୍‌ସି ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ

**ବ୍ରହ୍ମପୁର,୨୧।୨(ସମିସ):** ସିଟି ହାଇସ୍କୁଲ ରୋଡ଼ ସ୍ଥିତ ମାନସ ଭବନ ପରିସରରେ ବ୍ରହ୍ମପୁର ମହାନଗର ନିଗମ ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ସଂଘର ସଭାପତି ଚିନାରୀ ଶ୍ୟାମମୂର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକର ପ୍ରାରମ୍ଭରେ ଗତ ମାସ ମୃତ୍ୟୁ ବରଣ କରିଥିବା ସଦସ୍ୟଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନଟ ନିରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେସନରେ ସମ୍ପାଦକ ଲକ୍ଷ୍ମୀଚରଣ ମାସ ବୈଠକର ବିବରଣୀ ପାଠ କରିଥିବା ବେଳେ ସଭାପତିଙ୍କ ଦ୍ୱାରା ଆୟବ୍ୟୟ ହିସାବ ପ୍ରଦାନ କରିଥିଲେ। ପରିଶେଷରେ ସଭ୍ୟ ନିଳାମ୍ବର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପସଭାପତି ନିଳାମ୍ବର ସାହୁ, ସିମାଞ୍ଚଳ ବେହେରା, ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ସାହୁ, ଉପଦେଷ୍ଟା ନାରାୟଣ ସାମନ୍ତରାୟଙ୍କ ସମେତ ବହୁ ବରିଷ୍ଠ ସଭ୍ୟ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ମାତୃଭାଷା ଦିବସ

**ବ୍ରହ୍ମପୁର,୨୧।୨(ସମିସ):** ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଗଣେଶ ହଲରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ ଏହାକୁ ଉଦଘାଟନ କରିଥିଲେ। ଡ. ମନୋରଞ୍ଜନ ବିଷୋୟୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଭାଗୀୟ ପ୍ରାଧ୍ୟାପକ ଡ. ବନମାଳୀ ପାଣିଗ୍ରାହୀ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଇଂରାଜୀ ବିଭାଗର ଅଧ୍ୟାପିକା ଚିନ୍ମୟୀ ସାହୁ, ଅଧ୍ୟାପିକା ଇପ୍ସିତା ରୁଚି, ଅଧ୍ୟାପିକା ନୟନିକା ମହାପାତ୍ର, ଅଧ୍ୟାପିକା ସୁହାସିନୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣଲତା ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବାରାକ୍ସ ଉଚ୍ଚ ବିଦ୍ୟାଳୟରେ ମାତୃଭାଷା ଦିବସ

**ବ୍ରହ୍ମପୁର,୨୧।୨(ସମିସ):** ଗାନ୍ଧୀନଗର ସରକାରୀ ପୌର ବାରାକ୍ସ ଉଚ୍ଚ ବିଦ୍ୟାଳୟରେ ମାତୃଭାଷା ଦିବସ ପାଳିତ ହୋଇଛି। ଏ ଅବସରରେ ବିଦ୍ୟାଳୟର ଶିକ୍ଷକମାନେ ଶପଥ ପାଠ କରାଯାଇଥିଲେ। ବିଦ୍ୟାଳୟ ଶିକ୍ଷୟିତ୍ରୀ ସସ୍ମିତା ପଣ୍ଡା, ଶିକ୍ଷକ ବଂଶୀଧର ବିଶ୍ୱାଳ, ହିମାଂଶୁ ପଟ୍ଟନାୟକ, ରୌପ୍ୟମୟୀ ଶତପଥୀ, ତୃପ୍ତି ମିଶ୍ର, ମମତା ମିଶ୍ର, ମଧୁସ୍ମିତା ପଣ୍ଡା, ସସ୍ମିତା ବେହେରା, ମୀରାବାଇ ପଣ୍ଡା ଓ ଗୌରୀ ପଣ୍ଡାଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଛତ୍ରପୁରରେ ଅର୍ନ୍ତଜାତୀୟ ମାତୃଭାଷା ଦିବସ

**ଛତ୍ରପୁର,୨୧।୨(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଅର୍ନ୍ତଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଆଚାର୍ଯ୍ୟ ବିଶ୍ୱଜିତ୍ ବରାଳ ଯୋଗଦେଇ ମାତୃଭାଷା ପ୍ରତି ଆମର ଅନୁରକ୍ତି ଓ ସ୍ୱତନ୍ତ୍ରତାର ପରିଚିତ କରାଇଥିଲେ। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅଧ୍ୟକ୍ଷତା କରିଥିଲେ। ଆଚାର୍ଯ୍ୟ ଟି ସୁରେଶ ଆଚାରୀ ଧନ୍ୟବାଦ ଦେଇଥିଲେ। ମାତୃଭାଷା ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଓଡ଼ିଆ ଭାଷା ଆନ୍ଦୋଳନର ମାତୃଭାଷା ଦିବସ

**ବ୍ରହ୍ମପୁର,୨୧।୨(ସମିସ):** ଓଡ଼ିଆ ଭାଷା ଆନ୍ଦୋଳନ ପକ୍ଷରୁ ଆନ୍ତର୍ଜାତୀୟ ମାତୃଭାଷା ଦିବସ ସଭାପତି ତ୍ରିନାଥ ମହାରଣାଙ୍କ ପୌରହିତ୍ୟରେ ପାଳିତ ହୋଇଛି। କେ.ସି. ବାଳିକା ଉଚ୍ଚ ବିଦ୍ୟାଳୟ ଓ ବ୍ରିଟ୍ କଲୋନୀ ସ୍ଥିତ ଏକ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏହା ପାଳିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ପାଣିଗ୍ରାହୀ, ପ୍ରମିଳା ଷଡ଼ଙ୍ଗୀ, ପ୍ରମୋଦ କୁମାର ସାହୁ, ମୋହନ ଚରଣ ପାତ୍ର ଓ ଆଇନଜୀବୀ ଗୌରଶଙ୍କର ପଟ୍ଟନାୟକ, ଜୟ ଜଗନ୍ନାଥ ସକାଳ ଚଲାସଂଘର ସଭାପତି କାମନା ପାଢ଼ୀ, ସଂପାଦକ ଏସ୍.ନାଗେଶ୍ୱର ପୃଷ୍ଟି ପ୍ରମୋଦ ସାହୁ, ନବୀନ ପାଢ଼ୀ, ଗୌରୀଶଙ୍କର ପଟ୍ଟନାୟକ, ସଂଘମିତ୍ରା ପଟ୍ଟନାୟକ ଆଲୋଚନା କରିଥିଲେ।

## କିଓସ୍କରୁ ଚୋରି

## ସାମଗ୍ରୀ ଉଦ୍ଧାର; ଅଭିଯୁକ୍ତଙ୍କ ଟେର୍ ପାଉନି ପୁଲିସ

**ଖଲ୍ଲିକୋଟ,୨୧।୨(ସମିସ)**



ଖଲ୍ଲିକୋଟ ଥାନା ଅନ୍ତର୍ଗତ ଲଙ୍ଗଳେଶ୍ୱର ଠାରେ ଥିବା ଏକ କିଓସ୍କ ମିନି ବ୍ୟାଙ୍କରୁ ଚୋରି ହୋଇଥିବା ଲାପଟପ, ପ୍ରିଣ୍ଟର, କମ୍ପ୍ୟୁଟର ହାର୍ଡ ଡିସ୍କ, ରେଜିଷ୍ଟର ପ୍ରଭୃତି ସାମଗ୍ରୀକୁ ୨୪ ଘଣ୍ଟା ମଧ୍ୟରେ ଉଦ୍ଧାର କରି ପୁଲିସ ଶୁକ୍ରବାର ମାଲିକକୁ ହସ୍ତାନ୍ତର କରିଛି। କିନ୍ତୁ ଚୋରକୁ ଧରିବାରେ ସଫଳ ହୋଇନି ପୁଲିସ। ନଗଦ ଦେଢ଼ ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଛି ଚୋର। ତେବେ ଚୋରକୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଭେଜିପୁଟ ପୁଲିସ ଫାଣ୍ଡି ରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ଓ ଛତ୍ରପୁର ଏସଡିପିଓ ଚଇନ ଘଡେଇ। ଏସଡିପିଓ ଦେଇଥିବା ସୂଚନା ଅନୁଯାୟୀ, ତେନ୍ତୁଳିଆପଲ୍ଲୀ ଗ୍ରାମର ଶିବରାମ ପ୍ରଧାନ ଲଙ୍ଗଳେଶ୍ୱର ଠାରେ ଏକ କିଓସ୍କ ମିନି ଷ୍ଟେଟ ବ୍ୟାଙ୍କ ଦୀର୍ଘ ଦିନ ହେବ ଚଳାଇ ଆସୁଥିଲେ। ଗତ ୧୯ ତାରିଖରେ ସେ କିଓସ୍କ ମିନି ବ୍ୟାଙ୍କର ସଟର ଖୋଲି ଦେଖିବା ବେଳକୁ ଭିତରେ ଲାପଟପ, ପ୍ରିଣ୍ଟର, କମ୍ପ୍ୟୁଟର ହାର୍ଡ ଡିସ୍କ, ରେଜିଷ୍ଟର ପ୍ରଭୃତି ସାମଗ୍ରୀ ନଥିଲା। ତା ସହ ସେଠାରେ ରଖିଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ମଧ୍ୟ ଚୋରି ହୋଇଥିବା ସେ ଜାଣିବାକୁ ପାଇଥିଲେ। ତୁରନ୍ତ ଏନେଇ ଶିବରାମ ଭେଜିପୁଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଆରମ୍ଭ କରିଥିଲେ। ଚୋରକୁ ଧରିବା ପାଇଁ ଏସଡିପିଓ ଚଇନ ଘଡେଇଙ୍କ ତତ୍ତ୍ୱାବଧାନରେ ଖଲ୍ଲିକୋଟ ଆଇଆଇସି ରମେଶ କୁମାର ପ୍ରଧାନ ଓ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ରଙ୍କୁ ନେଇ ଏକ ଟିମ ଗଠନ କରାଯାଇଥିଲା। ସିସିଟିଭି ଫୁଟେଜକୁ ଯାଞ୍ଚ କରି ପୁଲିସ ୨୪ ଘଣ୍ଟା ମଧ୍ୟରେ ଚୋରି ସାମଗ୍ରୀ ଉଦ୍ଧାର କରିବାରେ ସଫଳ ହୋଇଥିଲା। ବାଲୁଗାଁର ଏକ ବନ୍ଦ ଘରୁ ପୁଲିସ ଚୋରି ହୋଇଥିବା ସାମଗ୍ରୀ ଉଦ୍ଧାର କରିଥିଲେ। ତେବେ ଚୋର ନଗଦ ଦେଢ଼ ଲକ୍ଷ ଟଙ୍କା ସହ ଫେରାର ହୋଇ ଯାଇଥିଲା। ଚୋର ବିଷୟରେ ଆମେ ସନ୍ଧାନ ପାଇ ଯାଇଛୁ ଏବଂ ଖୁବଶୀଘ୍ର ତାକୁ ଗିରଫ କରିବୁ ବୋଲି କହିଛନ୍ତି ଏସଡିପିଓ। ସେହି କିଓସ୍କ ମିନି ବ୍ୟାଙ୍କରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀ ଚୋରି କରିଥିବା ସନ୍ଦେହ କରାଯାଉଛି।

## ସାନ ଭାଇର ଛୁରାମାଡ଼ରେ ବଡ଼ ମୃତ

ଫିରିଙ୍ଗିଆ,୨୧।୨(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ ସୁମେରବନ୍ଧ ପଞ୍ଚାୟତର ଲଦାପଦର ଗ୍ରାମରେ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ବଡଭାଇର ମୃତ୍ୟୁ ହୋଇଛି। ମୃତକ ଜଣକ କୃଷ୍ଣ କହଁର ବୋଲି ଜଣାପଡିଛି। ଏ ନେଇ ମୃତକଙ୍କ ସ୍ତ୍ରୀ ନୁର୍ମଣୀ କହଁର ଫିରିଙ୍ଗିଆ ଥାନାରେ ଏତାଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ମୃତକ କୃଷ୍ଣ ତାଙ୍କ ସାନ ଭାଇ ରାମଚନ୍ଦ୍ରଙ୍କୁ କାହିଁକି ମଦ ପିଇ ବୁଲୁଛୁ ବୋଲି କହିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ରାମଚନ୍ଦ୍ର ଏକ ଧାରୁଆ ଛୁରୀରେ କୃଷ୍ଣଙ୍କୁ ଆକ୍ରମଣ କରିଥିଲା। ଏଥିରେ ଘଟଣା ସ୍ଥଳରେ କୃଷ୍ଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ କୃଷ୍ଣଙ୍କ ଅନ୍ୟ ଜଣେ ସାନ ଭାଇ ଲକ୍ଷ୍ମଣ ମଧ୍ୟ ଆହତ ହୋଇଛନ୍ତି। ଏ ନେଇ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଗୋପୀନାଥ ପ୍ରଧାନ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା କାହାକୁ ଗିରଫ କରାଯାଇ ନାହିଁ।

## ଶ୍ରୀରାମ ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ



କାଶୀନଗର,୨୧।୨(ସମିସ): ଗଜପତି ଜିଲ୍ଲା କାଶୀନଗରସ୍ଥିତ ଶ୍ରୀରାମ ଡିଗ୍ରୀ କଲେଜରବାର୍ଷିକ ଦିବସ ତଥା ରଘୁନାଥ ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଥିଲା। କଲେଜ୍ ଅଧ୍ୟକ୍ଷ ପ୍ରଶାନ୍ତ ବନପାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଜୟ କୁମାର ଦାସ ଯୋଗ ଦେଇଥିଲେ। ପ୍ରଥମେ କଲେଜ ପ୍ରତିଷ୍ଠାତା ସର୍ଗତ ରଘୁନାଥ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଅନୁପ ପଣ୍ଡା ଓ କାଶୀନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡମ୍ବୁରଧର ମଲ୍ଲିକ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଶ୍ରୀ ବନପାଲି କଲେଜର ବିଭିନ୍ନ ସମସ୍ୟା ତଥା ଛାତ୍ରଛାତ୍ରୀଙ୍କ କ୍ରୀଡ଼ା ପାଇଁ ଖେଳ ପଡିଆ, କଲେଜ ଶ୍ରେଣୀ କୋଠରୀ ଉପର ଦେଇ ବିପଦପୂର୍ଣ୍ଣ ଭାବେ ଯାଇଥିବା ବିଦ୍ୟୁତ ତାରକୁ ହଟାଇବା, ଉତ୍ତମ ଶିକ୍ଷା ବିଷୟରେ ଆଲୋଚନା କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ କ୍ରୀଡ଼ାର ସଫଳ ଖେଳାଳି ଓ କଲେଜର ଶ୍ରେଷ୍ଠ କର୍ମଚାରୀ ଭାବେ ରାମାରାଓଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କଲେଜ୍ ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଅଧ୍ୟାପକ ଦେବାକାନ୍ତ ମିଶ୍ର। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଓ କଲେଜ କର୍ମଚାରୀ ଉପସ୍ଥିତ ଥିଲେ।

# ଦିନକରେ ରେକର୍ଡ; ୧୦ ଟନ୍ ଗଞ୍ଜେଇ ଜବତ

ଫୁଲବାଣୀ,୨୧।୨(ସମିସ):

କନ୍ଧମାଳ ଜିଲ୍ଲାରୁ ବନ୍ଦ ହେଉନି ଗଞ୍ଜେଇ ଚାଲାଣ। ପୁଲିସ ବିଭାଗର ସୂଚନା ଅନୁସାରେ ଚଳିତ ବର୍ଷ ୧୨ ହଜାର ଏକରରୁ ଗଞ୍ଜେଇ ଗଛ କଟା ସରିଲାଣି। ୪୦ ଟନ ଗଞ୍ଜେଇ ଜବତ ହେଲାଣି। ତଥାପି ବନ୍ଦ ହେଉନି ବେଆଇନ ଚାଲାଣ। ଶୁକ୍ରବାର କନ୍ଧମାଳ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ପୁଲିସ ଜବତ କରିଛି ରେକର୍ଡ ପରିମାଣର ଗଞ୍ଜେଇ। ସୂଚନା ଅନୁସାରେ, ୫ଟି ଥାନା ଅଞ୍ଚଳରୁ ସମୁଦାୟ ୧୦ ହଜାର ୮୫୨ କିଲୋ ଗଞ୍ଜେଇ ଜବତ କରାଯାଇଛି। ଗୋଛାପଡ଼ା ଥାନା ଅନ୍ତର୍ଗତ ଦାରୁଗୋଣ୍ଡା ଘାଟି ନିକଟ ଜଙ୍ଗଲରୁ ୬୫୨୦ କେଜି, ଫିରିଙ୍ଗିଆ ଥାନା ଅଧୀନରେ ଥିବା କାଶିନୀପଦର ପଞ୍ଚାୟତର ମାଝିପଡ଼ା ଜଙ୍ଗଲରୁ ୧୫୨୦ କେଜି, ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଡ୍ରେଜୁ ପଂଚାୟତ ମିଣିଆକାଠି ଜଙ୍ଗଲରୁ ୨୦୫୨ କେଜି, ବାଲିଗୁଡ଼ା ଥାନା ଅଧୀନ ଜାକ୍ରିପଦା ଜଙ୍ଗଲରୁ ୬୫୦ କେଜି, ଟିକାବାଲି ଥାନା ଅନ୍ତର୍ଗତ ସୁନାପଙ୍ଗା ଗ୍ରାମ ନିକଟରୁ ୧୧୦ କେଜି ଗଞ୍ଜେଇ ଜବତ କରାଯାଇଥିବା ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ଜାରି ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।



ଏ ସମସ୍ତ ମାମଲାରେ କେବଳ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୁଲିସ।

ସୂଚନାଯୋଗ୍ୟ,କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଚୋରା ଚାଲାଣ ରୋକିବାକୁ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଥିଲେ। ସେ ଅନୁଯାୟୀ, କନ୍ଧମାଳ ଏସପି ହରିଶ ବି ସି ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ନିଶା ବେପାରୀ ଜଙ୍ଗଲ ମଧ୍ୟରେ ଥିବା ବିଭିନ୍ନ ପରିତ୍ୟକ୍ତ ସ୍ଥାନରେ ଖାତ ଖୋଳି ଏହି ଗଞ୍ଜେଇ ରଖି ଚୋରା ଚାଲାଣ କରୁଛନ୍ତି। ଏ ସମ୍ପର୍କରେ ସୂଚନା ପାଇ ପୁଲିସ ଚଢ଼ାଉ କରିଥିଲା। ଉପରୋକ୍ତ ସମସ୍ତ ମାମଲାର ତଦନ୍ତ ଜାରି ରହିଛି ଏବଂ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି।

ଗଞ୍ଜେଇ ଚାଷ ବିରୁଦ୍ଧରେ ରାଜ୍ୟ ପୁଲିସ ସ୍ୱତନ୍ତ୍ର ଅଭିଯାନ ଜାରି ରଖିଥିବା ବେଳେ ଏହାକୁ ମୂଳପୋଛ କରିବାକୁ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯାଉଛି। ଏହି ସ୍ୱତନ୍ତ୍ର ଅଭିଯାନ ଆସନ୍ତା ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏହି ସମୟ ସୀମା ମଧ୍ୟରେ ଗଞ୍ଜେଇ ଚାଷର ସଂପୂର୍ଣ୍ଣ ମୂଳୋତ୍ପାଟନ ନିମନ୍ତେ କାର୍ଯ୍ୟ କରିବାକୁ ଡିଜିପି ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ରାଜ୍ୟ ପୁଲିସ ପକ୍ଷରୁ କୁହାଯାଇଛି।

## ଏନ୍ଏସି ଅଧ୍ୟକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉନ୍ନୟନ କାର୍ଯ୍ୟ ସମୀକ୍ଷା

ଜି.ଉଦୟଗିରି,୨୧।୨(ସମିସ): ଉନ୍ନୟନ କାମ ବନ୍ଦ ପଡିଥିବା ଏନଏସିରେ ଏବେ ତ୍ୱରାନ୍ୱିତ ହେଉଛି ଉନ୍ନୟନ କାମ। ସହରରେ ଦୀର୍ଘ ଦିନ ହେଲା ରାସ୍ତା ନିର୍ମାଣ ପାଇଁ ଦାବି ହେଉଥିବା ବେଳେ ଆରମ୍ଭ ହୋଇଛି ନିର୍ମାଣ କାର୍ଯ୍ୟ। ଏହାସହିତ ଏନଏସି ତରଫରୁ ବିଭିନ୍ନ ୱାର୍ଡରେ ଥିବା ସମସ୍ୟାକୁ ସମାଧାନ କରିବାକୁ ପଦକ୍ଷେପ ନିଆଯାଇଛି। ନିୟମିତ ଭାବେ ବିଭିନ୍ନ ୱାର୍ଡ ଗସ୍ତକରି ସମସ୍ୟା ବୁଝିବା ସହିତ ଶୀଘ୍ର ସମାଧାନ କରିବାକୁ ନିଆଯିବ ପଦକ୍ଷେପ। ଏହିକ୍ରମରେ ଆରମ୍ଭ ହୋଇଛି ୧୩ ନଂ ୱାର୍ଡ ଗସ୍ତ। କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, କନିଷ୍ଠ ଯନ୍ତ୍ରୀଙ୍କ ସହିତ ସମ୍ପୃକ୍ତ ୱାର୍ଡ କାଉନସିଲରଙ୍କୁ ୱାର୍ଡର ବିଭିନ୍ନ ସମସ୍ୟା, ଆବଶ୍ୟକ ଉନ୍ନୟନ କାର୍ଯ୍ୟ, ଅସମ୍ପୂର୍ଣ୍ଣ ଥିବା କାମ ଆଦି ସମସ୍ତ ବିଷୟରେ ୱାର୍ଡବାସୀଙ୍କ ସହିତ ଆଲୋଚନା କରିଥିଲେ। ସେହି ୱାର୍ଡର ବିଭିନ୍ନ ସାହି ବୁଲିଥିଲେ। ଶୀଘ୍ର ସମସ୍ୟାର ସମାଧାନ କରିଯିବା ସହିତ ଉନ୍ନୟନମୂଳକ କାମକୁ ତ୍ୱରାନ୍ୱିତ କରାଯିବ ବୋଲି କୁହାଯାଇଛି। ଏମିତି କ୍ରମାଗତ ଭାବେ ସବୁ ୱାର୍ଡ ସମସ୍ୟା ଦେଖିବା ସହିତ ସେ ସବୁର ସମାଧାନ ଶୀଘ୍ର କରାଯିବ ବୋଲି ଅଧ୍ୟକ୍ଷା କହିଛନ୍ତି।

## ଆଶ୍ରମ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଜି.ଉଦୟଗିରି,୨୧।୨(ସମିସ): କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ନିକଟସ୍ଥ ଉଡାପଡା ଆଶ୍ରମ ବିଦ୍ୟାଳୟରେ ବିଭିନ୍ନ ବିଷୟବସ୍ତୁକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାନୁଷ୍ଠାନ ପ୍ରଧାନଶିକ୍ଷକ ଦୈତ୍ୟାରୀ ଦିଗାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଚାରାରୋପଣ, ମୃତ୍ତିକା ସଂରକ୍ଷଣ, ପ୍ଲାଷ୍ଟିକ ବର୍ଜନ, ସୌର ଶକ୍ତିର ବ୍ୟବହାର ଆଦି କରିବାକୁ କର୍ମଚାରୀଙ୍କ ସହିତ ଗ୍ରାମବାସୀ ନେଇଥିଲେ ଶପଥ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଭବାନୀ ଶଙ୍କର ସାମଲ, ବନାଜ ପ୍ରଶାନ୍ତ କୁମାର ସାହୁ ଓ ବନ କର୍ମଚାରୀ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ଏହାସହିତ ବିଦ୍ୟାଳୟରେ ମାତୃଭାଷା ଦିବସ ପାଳନ କରାଯାଇଥିଲା। ଏହି ଦିବସରେ ଛାତ୍ରଛାତ୍ରୀଙ୍କୁ ଖାତା, ବହି, କଲମ, ପେନସିଲ ବଣ୍ଟନ କରାଯାଇଥିଲା।

## ପଧାନପଡ଼ା ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଟିକାବାଲି,୨୧।୨(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ କଟିମାହା ଗ୍ରାମ ପଞ୍ଚାୟତ ପଧାନପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଜୀବିକା ସୁରକ୍ଷା ମଞ୍ଚ, ମହିଳା ଜୀବିକା ସୁରକ୍ଷା ମଞ୍ଚ, ୟୁଥ ୱାରୀୟର ଯୁବ ସଂଗଠନ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାର୍ଥୀଙ୍କ ମିଳିତ ସହଯୋଗରେ ପାଳନ କରାଯାଇଥିଲା। ଜୀବିକା ସୁରକ୍ଷା ମଞ୍ଚ ତରଫରୁ ଶିକ୍ଷାର୍ଥୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ନୃତ୍ୟ, ବକ୍ତୃତା, ରଚନା କରାଯାଇଥିଲା। ଏଥିରେ କୃତି ଶିକ୍ଷାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ବିଦ୍ୟାଳୟ ପରିଚାଳନା ସଭାପତି ଦାସ ଦିଗାଳ, ମୁଖ୍ୟବକ୍ତା ରୂପେ ସିଆରସିସି ଅରବିନ୍ଦ ମହାପାତ୍ର, ସଭାପତି ରୂପେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଧର ମିଶ୍ର, ସମ୍ମାନିତ ଅତିଥି ଭାବେ ୟୁଥୱରୀୟର କଟିମାହା କାର୍ଯ୍ୟକାରୀ ସଭାପତି ଅନନ୍ତ ମଲିକ ଓ ପଞ୍ଚାନନ ବଗର୍ତ୍ତୀ ମଞ୍ଚାସୀନ ଥିଲେ। ଶିକ୍ଷକ ରଞ୍ଜନ ଦିଗାଳ, ସଂଗ୍ରାମ ଭୋଇ, ମଞ୍ଜୁଲତା ମଲିକ, ରଞ୍ଜିତା ବେହେରା ଉପସ୍ଥିତ ଥିଲେ। ଜୀବିକା ସୁରକ୍ଷା ମଞ୍ଚର ପ୍ରମୁଖ ସସ୍ମିତା ମଲ୍ଲିକ ଓ ସଂଜୀବ ଦିଗାଳ ପରିଚାଳନା କରିଥିଲେ।

## ଯୋଗ ଅଭ୍ୟାସ ପାଇଁ ଭିଡ଼

ଦାରିଙ୍ଗବାଡି,୨୧।୨(ସମିସ): ବର୍ତ୍ତମାନ ଯୁଗରେ ନୂଆ ଜୀବନ ଶୈଳୀ ଲୋକଙ୍କ ପାଇଁ ଆଣି ଦେଇଛି ଅନେକ କିଛି ଶାରୀରିକ ଅସୁସ୍ଥତା । ଏଥିରେ ଅନେକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଧିକାଂଶ ଲୋକେ ବର୍ତ୍ତମାନ ମଧୁମେହ, ରକ୍ତଚାପ, ମେଦ ବହୁଳତା, ଫ୍ୟାଟି ଲିଭର, କ୍ୟାନସର ଭଳି ରୋଗରେ ପୀଡ଼ିତ ହେଉଛନ୍ତି। ଆଉ ଏହି ରୋଗର ଟିକିଏ ତ୍ରାହି ପାଇବା ପାଇଁ ହେଉ ଅବା ନିରୋଗ ରହିବା ପାଇଁ ଲୋକେ ବର୍ତ୍ତମାନ ଯୋଗକୁ ଆପଣାଇ ନେଇଛନ୍ତି। ଯୋଗ ହିଁ ନିରୋଗର ଏକ ବଡ଼ ମାଧ୍ୟମ ସାଜିଛି। ଆଉ ଏହି ଯୋଗ କୁ ଆପଣାଇଛନ୍ତି ଦାରିଙ୍ଗବାଡିର କିଛି ଲୋକ । ସକାଳ ହୋଇଗଲେ କଲେଜ ପଡ଼ିଆରେ ଜମୁଛି ଲୋକଙ୍କ ଭିଡ଼। ଏହାରି ମଧ୍ୟରେ କିଛି ଲୋକ ଦୌଡ଼ା ଦୌଡ଼ି କରି ଥାଆନ୍ତି ତ ଆଉ କିଛି ଯୋଗରେ ମଗ୍ନ ରହୁଥିବା ଦେଖାଯାଉଛି। ଯୋଗ ଗୁରୁ ସୂର୍ଯ୍ୟ ନାରାୟଣ ସାହୁ ଲୋକଙ୍କୁ ନିରୋଗ ରହିବା ଯୋଗ ଶିକ୍ଷା ଦେଉଛନ୍ତି। କେଉଁ ରୋଗକୁ କେଉଁ ଯୋଗ ରହିଛି ତାହା ବୁଝାଇବା ସହ ସେସବୁ ଯୋଗ କରିବାକୁ କହନ୍ତି ଯୋଗ ଗୁରୁ।

■ ମେଡିକାଲ କଲେଜ ନେଇ ମିଳିତ ମଞ୍ଚର ଦାବି

## ନାମକରଣରେ କନ୍ଧମାଳ ରଖାଯାଉ

ଫୁଲବାଣୀ,୨୧।୨(ସମିସ): ଫୁଲବାଣୀ ସହର ଉପକଣ୍ଠ ତିଳକପଡାରେ ସରକାରୀ ମେଡିକାଲ କଲେଜ ନିର୍ମାଣ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଶିକ୍ଷା ବର୍ଷରୁ ଏଠାରେ ନାମଲେଖା ଆରମ୍ଭ ହେବ ବୋଲି ଜଣାପଡିଛି। ତେବେ ଏହି ମେଡିକାଲ କଲେଜର ନାମକରଣ ନେଇ ଦାବି ରଖିଛି କନ୍ଧମାଳ ଜିଲ୍ଲା ମିଳିତ ମଞ୍ଚ। ଏହି ନୂତନ କଲେଜର ନାମ କନ୍ଧମାଳ ମେଡିକାଲ କଲେଜ ଓ ହସ୍ପିଟାଲ ରଖିବା ପାଇଁ ଦାବି କରାଯାଇଛି। ଶୁକ୍ରବାର ସ୍ଥାନୀୟ କୁଇ ସମାଜ ସମନ୍ୱୟ ସମିତି କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ



ସାମ୍ବାଦିକ ସମ୍ମିଳନୀରେ ମିଳିତ ମଞ୍ଚ ନେତା ଏହି ଦାବି ଉପସ୍ଥାପିତ କରିବା ସହ ଏ ନେଇ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି କହିଛନ୍ତି। ଏଥିସହ ମେଡିକାଲ କଲେଜର ସମସ୍ତ କାମ ସରିଥିବା ଏବଂ ଉଦଘାଟନ ଅପେକ୍ଷାରେ ରହିଥିବା ବେଳେ ବର୍ତ୍ତମାନ ସମ୍ପୂର୍ଣ୍ଣ କଲେଜରେ ପୁଣିଥରେ ନୂଆକରି ରଙ୍ଗ ଦିଆଯିବା ପାଇଁ ଚାଲିଥିବା ଉଦ୍ୟମକୁ ନାପସନ୍ଦ କରିଛି ମିଳିତ ମଞ୍ଚ। ଅଯଥାରେ କୋଟି କୋଟି ଟଙ୍କା ଅପବ୍ୟୟ ନ କରିବାକୁ ପରାମର୍ଶ ଦିଆଯାଇଛି। ଏପରି ହେଲେ କନ୍ଧମାଳବାସୀ ବିରୋଧ କରିବା ସହ ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି ସମନ୍ୱୟ ସମିତି ସମ୍ପାଦକ ତଥା ଆଦିବାସୀ ନେତା ଲମ୍ବୋଦର କହଁର। ସେହିଭଳି, ଏହି ମେଡିକାଲ କଲେଜରେ ବିଭିନ୍ନ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦରେ ସ୍ଥାନୀୟ ଲୋକଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ଦେବା ପାଇଁ ମଧ୍ୟ ଦାବି କରାଯାଇଛି। ଫୁଲବାଣୀରେ ଓୟୁଏଟି ଅଧୀନରେ ଥିବା ଶୁଷ୍କାଞ୍ଚଳ କୃଷି ଗବେଷଣା କେନ୍ଦ୍ରକୁ ବଲାଙ୍ଗୀର ଉଠାଇ ନେବା ପାଇଁ ସରକାର ଦେଇଥିବା ନିର୍ଦ୍ଦେଶକୁ ତୀବ୍ର ବିରୋଧ କରିଛି ମିଳିତ ମଞ୍ଚ। ଏହାକୁ ଏଠାରେ ପୂର୍ବବତ ରଖିବା ସହିତ କ୍ରିୟାଶୀଳ କରିବା ପାଇଁ ଦାବି କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଏହି ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି ରଖିଛି ମଞ୍ଚ। ଅନ୍ୟଥା ଜିଲ୍ଲାବାସୀ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବାକୁ ବାଧ ହେବେ ବୋଲି କୁହାଯାଇଛି। ମିଳିତ ମଞ୍ଚ ସଭାପତି ସମୀର ଘଟାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଆଇନଜୀବୀ ସତ୍ୟ ନାରାୟଣ ବେହେରା, ପୂର୍ବତନ ଖଜୁରୀପଡା ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁରଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ବିକଳ୍ପ ବଜେଟ୍ ଦାବିରେ ବାମଦଳର ବିକ୍ଷୋଭ

ପାରଳାଖେମୁଣ୍ଡି,୨୧।୨(ସମିସ): ଦେଶରେ ୨୦୨୫-୨୬ ବର୍ଷ ପାଇଁ କେନ୍ଦ୍ରରେ ବଜେଟ୍ ଉପସ୍ଥାପିତ ହୋଇଛି। ଏହି ବଜେଟ୍‌ର ଜନସାଧାରଣଙ୍କ ମୌଳିକ ଏବଂ ଅତ୍ୟାବଶ୍ୟକ ଆବଶ୍ୟକ୍ତା ପ୍ରତି ବିଶ୍ୱାସଘାତକତା କରାଯାଇଛି । ଲୋକଙ୍କ ହାତରେ କ୍ରୟଶକ୍ତିର ଅଭାବ, ବ୍ୟାପକ ବେକାରୀ କାରଣରୁ ଅର୍ଥନୀତିରେ ସଂକଟ ସୃଷ୍ଟି ହୋଇଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ପରିବର୍ତ୍ତେ ମୋଦି ସରକାର ବଜେଟ୍ ମାଧ୍ୟମରେ ଧନୀକ ବର୍ଗଙ୍କ ପାଇଁ ସୁବିଧା ବୃଦ୍ଧି କରିଛନ୍ତି ବୋଲି ବାମପନ୍ଥୀ ଦଳ ଗୁଡିକ ପକ୍ଷରୁ ପାରଳାଖେମୁଣ୍ଡି ସ୍ଥିତ କଲେଜ ଛକରେ ପ୍ରତିବାଦ ଧାରଣା ଦିଆଯାଇଥିଲା। ଘରୋଇକରଣ ବନ୍ଦ ଏବଂ ଜାତୀୟ ମୁଦ୍ରାକରଣ ଯୋଜନା ମାଧ୍ୟମରେ ସର୍ବସାଧାରଣଙ୍କ ସମ୍ପତ୍ତିକୁ ଘରୋଇ କ୍ଷେତ୍ରକୁ ହସ୍ତାନ୍ତର ବନ୍ଦ, ବୀମା କ୍ଷେତ୍ରରେ ୧୦୦% ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ବିନିଯୋଗ ନୀତି ବାତିଲ , ମନରେଗା ପାଇଁ ବରାଦ ୫୦ ପ୍ରତିଶତ ବଢ଼ାଇବା, ସହରାଞ୍ଚଳରେ ରୋଜଗାର ନିଶ୍ଚିତ କରିବାକୁ ଏକ ସହରୀ ରୋଜଗାର ନିଶ୍ଚିତକରଣ ଆଇନ ଆଣିବା, ବୟସ୍କ ଲୋକଙ୍କ ପାଇଁ



ପେନସନ ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ପାଇଁ କେନ୍ଦ୍ରୀୟ ବ୍ୟୟ ବରାଦ ବୃଦ୍ଧି, ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ମୋଟ ଜାତୀୟ ଘରୋଇ ଉତ୍ପାଦନର ୩% ଏବଂ ଶିକ୍ଷା କ୍ଷେତ୍ର ପାଇଁ ଜିଡିପିର ୬% ବ୍ୟୟ ବରାଦ ନିଶ୍ଚିତ କରିବା, ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଖାଦ୍ୟ ବାବଦ ସବ୍‌ସିଡ଼ି ବଢ଼ାଇବା, ତଫସିଲଭୁକ୍ତ ଜାତି ଏବଂ ତଫସିଲଭୁକ୍ତ ଉପଜାତି କ୍ଷେତ୍ର ଏବଂ ମହିଳା ଓ ଶିଶୁମାନଙ୍କ ବିକାଶ ପାଇଁ ରାଦ ଅଧିକ ବଢ଼ାଇବା, ଯେଉଁଥିରେ ସମନ୍ୱିତ ଶିଶୁ ଉନ୍ନତି ପ୍ରକଳ୍ପର ବରାଦ ବଢ଼ାଇବା ଅନ୍ତର୍ଭୁକ୍ତ ରହିବ, ଏହି ପ୍ରକଳ୍ପରେ କାମ କରୁଥିବା ସ୍କିମ୍ ଶ୍ରମିକଙ୍କ ଭତ୍ତା ପାଇଁ କେନ୍ଦ୍ରୀୟ ଭାଗିଦାରୀ ବଢ଼ାଇବା, ରାଜ୍ୟଗୁଡ଼ିକ ପାଇଁ ଅର୍ଥ ପ୍ରଦାନ ଏବଂ କେନ୍ଦ୍ର ଯୋଜନା ପାଇଁ ଯଥେଷ୍ଟ ବ୍ୟୟ ବରାଦ ବୃଦ୍ଧି, ପେଟ୍ରୋଲିଅମ୍ ଉତ୍ପାଦନ ଉପରେ ଅତିରିକ୍ତ କର ଏବଂ ସରଚାର୍ଜ ରଦ୍ଦ କରିବା ଆଦିକୁ ନେଇ ସ୍ଲୋଗାନ ଦେଇଥିଲେ। ଚଳିତ ବଜେଟ୍‌କୁ ଖାରଜ କରାଯାଇ ବିକଳ୍ପ ବଜେଟ୍ ପ୍ରସ୍ତୁତ କରିବା ନିମନ୍ତେ ଦାବି କରାଯାଇଥିଲା।

## ୨ ମାସ ହେଲା ଏଟିଏମରେ ଝୁଲିଛି ତାଲା

ନୂଆଗଡ଼,୨୧।୨(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଖଜୁରୀପଦାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ୨୪ ଘଣ୍ଟା ସେବା ଯୋଗାଉଥିବା ଏଟିଏମ ଦୁଇ ମାସ ହେଲା ଅଚଳ ଅବସ୍ଥାରେ ରହି ତାଲା ଝୁଲିଛି। ଟଙ୍କା ଉଠାଣ ନିମନ୍ତେ ଦୂର ଦୁରାନ୍ତରୁ ଆସି ହତାଶ ହୋଇ ଫେରି ଯାଉଛନ୍ତି ଲୋକେ। ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ କାର୍ଯ୍ୟାଳୟକୁ ଲାଗି ରହିଛି ଏହି ଏଟିଏମ । ମାସ ମାସ ଧରି ଏଟିଏମର ଯାନ୍ତ୍ରିକ ତ୍ରୁଟି ସୁଧାରିବାରେ କର୍ତ୍ତୃପକ୍ଷ ତତ୍ପରତା ଦେଖାଉ ନ ଥିବା ଅଭିଯୋଗ ହେଉଛି। କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଥିବା ଏବଂ ଲୋକଙ୍କୁ ହଇରାଣ କରିବା କରିବା



ପାଇଁ ମରାମତି କରୁ ନଥିବା ମଧ୍ୟ ଅଭିଯୋଗ ହେଉଛି। ନୂଆଗଡ ବ୍ଲକ ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଅଞ୍ଚଳରେ ଅବସ୍ଥିତ। ଏଠାରେ ଗୋଟିଏ ଷ୍ଟେଟ ବ୍ୟାଙ୍କ ଶାଖା ରହିଛି। ବ୍ଲକର ସମସ୍ତ ଲୋକେ ବ୍ୟାଙ୍କ କାରବାର ପାଇଁ ଏହି ବ୍ୟାଙ୍କ ଉପରେ ନିର୍ଭରଶୀଳ। ହେଲେ ଦୁଇ ମାସରୁ ଉର୍ଦ୍ଧ୍ୱ ଅଚଳ ସତ୍ତ୍ୱେ ମରାମତି କରାଯାଉ ନ ଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଏଟିଏମ ଖରାପ ହୋଇଥିବାରୁ ଲୋକେ ଟଙ୍କା ଉଠାଣ ନିମନ୍ତେ ନାହିଁ ନ ଥିବା ହଇରାଣ ହେଉଛନ୍ତି। କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଇଭିଏମ୍ ଗୋଦାମ ପଛ ପାର୍ଶ୍ୱରେ ଆବର୍ଜନା

ପାରଳାଖେମୁଣ୍ଡି,୨୧।୨(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡିରେ ଇଭିଏମ୍ ଇଭିଏମ ରହୁଥିବା ଗୃହ ପଛପାଖରେ ଆବର୍ଜନା ପାଣି ଜମା ହୋଇ ରହୁଥିବା ଦେଖାଯାଇଛି। ଉକ୍ତ ଆବର୍ଜନା ପାଣି ଇଭିଏମ୍ ଗୋଦାମ ସହ ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଆବାସକୁ ଲାଗି ଜମି ରହୁଛି। ଏଥିରେ ମଶାମାଛିଙ୍କ ପ୍ରାଦୁର୍ଭାବ ବଢିବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଉକ୍ତ ଆବର୍ଜନା ପାଣି ପାଚେରୀ ତଳଭାଗ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଛପାଖର୍ ଓ ସର୍କିଟ ହାଉସ୍ ପଟ ମଧ୍ୟକୁ ଯାଉଛି। ଏଥିଯୋଗୁଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଛପାଖର୍ ଓ ସର୍କିଟ ହାଉସର ହତା ମଧ୍ୟରେ ପାଣି ଜମା ରହୁଛି। ଉକ୍ତ ପାଣିରେ



ବିଭିନ୍ନ ପ୍ଲାଷ୍ଟିକ ବୋତଲ, ମଦ ବୋତଲ ସମେତ ଅନ୍ୟାନ୍ୟ ଆବର୍ଜନା କୁଢ କୁଢ ହୋଇ ଜମାଟ ବାନ୍ଧୁଛି । ବର୍ଷା ହେଲେ ତାର ଅବସ୍ଥା ନ କହିବା ଭଲ। ଏପରି ଦୃଶ୍ୟକୁ ଦେଖିଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସହ ସମଗ୍ର ଅଞ୍ଚଳ ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହୁଥିବା କୁହାଯାଉଛି। ଏଥିଯୋଗୁଁ କେତେବେଳେ ଯେ ସଂକ୍ରାମକ ରୋଗ ବ୍ୟାପିବା ସମ୍ଭାବନା ରହିଛି । ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା କରାଯାଇ ନ ଥିବାରୁ ଏପରି ପରିବେଶ ସୃଷ୍ଟି ହେଉଛି ବୋଲି କୁହାଯାଉଛି।

# ଗଜପତିରେ ମାଟ୍ରିକ୍ ପରୀକ୍ଷା ଦେଲେନି ୧୪୮

ପାରଳାଖେମୁଣ୍ଡି,୨୧।୨(ସମିସ):

ଗଜପତି ଜିଲ୍ଲାରେ ବାର୍ଷିକ ମାଟ୍ରିକ ପରୀକ୍ଷା ପ୍ରଥମ ଦିନ ଶୁକ୍ରବାର ଶାନ୍ତିଶୃଙ୍ଖଳାର ସହ ହୋଇଛି। ଜିଲ୍ଲାର ଚାରି ନୋଡାଲ ସେଣ୍ଟର ଅନ୍ତର୍ଗତ ୧୬୦ ହାଇସ୍କୁଲର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ପରୀକ୍ଷାରେ ୭୭୬୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ରେଗୁଲାରରେ ୭୫୫୫ ଜଣ, ଷ୍ଟେଟ ଓପନ୍ ସ୍କୁଲିଂ କୋର୍ସରେ ୧୬୯ ଓ କରେସପୋଣ୍ଡେନ୍ସ କୋର୍ସରେ ୪୩ ଜଣ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ହୋଇଥିଲା। ୩୯ କେନ୍ଦ୍ରରେ ମୋଟ ୭୯୧୫ ପରୀକ୍ଷାର୍ଥୀଙ୍କ ନିମନ୍ତେ ପ୍ରସ୍ତୁତ ହୋଇଥିଲା। ଏଥିମଧ୍ୟରୁ ୭୭୬୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାର ଜଣାପଡିଛି। ୧୪୮ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ଜଣାପଡିଛି। ପରୀକ୍ଷା ସୁପରିଚାଳନା ନିମନ୍ତେ ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ରାୟଗଡସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଆର୍.ଉଦୟଗିରି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ମୋହନାର ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳକୁ ନୋଡାଲ କେନ୍ଦ୍ର ଚୟନ କରାଯାଇଥିବା ବେଳେ ୧୧ ବିତରଣ କେନ୍ଦ୍ର ଖୋଲା ଯାଇଥିବା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ସେହିଭଳି ୪ସ୍ତରୀୟ ସ୍କ୍ୱାର୍ଡ ଗଠନ କରାଯାଇ ସମସ୍ତ ପରୀକ୍ଷା କେନ୍ଦ୍ରକୁ ବୁଲି ନିରୀକ୍ଷଣ କରାଯାଇଥିଲା।

## ମୋହନାରେ ୧୯ ପରୀକ୍ଷାର୍ଥୀ ଅନୁପସ୍ଥିତ

ମୋହନା,୨୧।୨(ସମିସ): ଶୁକ୍ରବାର ଠାରୁ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଏଥିପାଇଁ ଗଜପତି ଜିଲ୍ଲା ମୋହନା ବ୍ଲକରେ ଥିବା ସମସ୍ତ ପରୀକ୍ଷା କେନ୍ଦ୍ରରେ ବ୍ୟାପକ ବ୍ୟବସ୍ଥା ହୋଇଛି। ପରୀକ୍ଷାର୍ଥୀ ନିଜ ନିଜ ପରୀକ୍ଷା କେନ୍ଦ୍ରରେ ସକାଳ ସାଢେ ୭ ଟାରେ ପ୍ରବେଶ କରଥିଲେ। କଡା ସୁରକ୍ଷା ମଧ୍ୟରେ ପରୀକ୍ଷା ଆରମ୍ଭ ହୋଇଥିବା ବେଳେ ଏଥିପାଇଁ ଛାତ୍ରଛାତ୍ରୀ ଉତ୍ସାହିତ ଥିଲେ। ପ୍ରଥମ ଦିନ ମାତୃଭାଷା ଓଡ଼ିଆ ପରୀକ୍ଷା ଥିବାବେଳେ ମୋଟ ୨୩୦୪ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବାପାଇଁ ଆବେଦନ କରିଥିଲେ। ପ୍ରଥମ ଦିନ ପରୀକ୍ଷାରେ ୧୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ବ୍ଲକର ମୋହନାରେ ୩ , ଚନ୍ଦ୍ରଗିରିରେ୨, ଚାନ୍ଦିପୁଟ, ଶିକୁଳିପଦର, ଲୁହାଗୁଡ଼ି, ଅଡବା,



ଅନ୍ତରବା ଓ ଖାରିଗୁଡ଼ା ଆଦି ୧୧ପରୀକ୍ଷା କେନ୍ଦ୍ରରେ ୨୨୮୫ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଛନ୍ତି। ସମସ୍ତ କେନ୍ଦ୍ରରେ ସିସି କ୍ୟାମେରା ଲାଗିଛି। ପରୀକ୍ଷା କିଭଳି ଶୃଙ୍ଖଳିତ ରହିବ ସେଥିପାଇଁ ସମସ୍ତ ବ୍ୟବସ୍ଥା ହୋଇଥିବା ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରା କହିଛନ୍ତି।

## ଜି. ଉଦୟଗିରିରେ ପରୀକ୍ଷା ଦେଲେ ୬୯୧, ଦେଲେନି ୯ ଜଣ

ଜି.ଉଦୟଗିରି,୨୧।୨(ସମିସ): ମାଟ୍ରିକ ପରୀକ୍ଷା ଶୁକ୍ରବାର ଆରମ୍ଭ ହୋଇଥିବା ବେଳେ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ଦେଇଛନ୍ତି ଛାତ୍ରଛାତ୍ରୀ। ଜି. ଉଦୟଗିରି ବ୍ଲକର ଚାରିଟି ପରୀକ୍ଷା କେନ୍ଦ୍ର ରହିଥିବା ବେଳେ ୭୦୦ ପିଲା ପରୀକ୍ଷା ଦେବା କାର୍ଯ୍ୟକ୍ରମ ରହିଥିଲା। ଜି. ଉଦୟଗିରି ସରକାରୀ ବାଳିକା ବିଦ୍ୟାଳୟରେ ୨୬୩, ଜି.ଉଦୟଗିରି ହବାକ ହାଇସ୍କୁଲରେ ୧୬୯, ଲିଗାଂଗଡ ବାଳିକା ବିଦ୍ୟାଳୟରେ ୧୦୦ ଏବଂ କଳିଗାଂ ହାଇସ୍କୁଲରେ ୧୬୮ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ପ୍ରଥମ ଦିନ ପରୀକ୍ଷାରେ ଲିଗାଂଗଡ ବାଳିକା ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୩ ଜଣ, ଜି. ଉଦୟଗିରି ସରକାରୀ ବାଳିକା ବିଦ୍ୟାଳୟରେ ୪ ଜଣ, ହବାକ ହାଇସ୍କୁଲ ଜଣେ, କଳିଗାଂ ହାଇସ୍କୁଲରେ ଜଣେ ଏପରି ଭାବେ ୯ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିବା ନୋଡାଲ ଅଫିସର ବିଜୟ କୁମାର ମିଶ୍ର କହିଛନ୍ତି। ଏହା ସହିତ ହବାକ ହାଇସ୍କୁଲ ନୋଡାଲ ସେଣ୍ଟରରେ କଡା ସୁରକ୍ଷା ମଧ୍ୟରେ ପ୍ରଶ୍ନ ପତ୍ର ରହୁଥିବା ବେଳେ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ଫୁଲବାଣୀରେ ପରୀକ୍ଷା ଦେଲେ ୧୦,୧୪୯ , ଦେଲେନି ୧୮୯

ଫୁଲବାଣୀ,୨୧।୨(ସମିସ): କନ୍ଧମାଳ ଜିଲ୍ଲାରେ ୭୧ ପରୀକ୍ଷା କେନ୍ଦ୍ରରେ ଶୁକ୍ରବାର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି। ଏହି ପରୀକ୍ଷା ପାଇଁ ଜିଲ୍ଲାରେ ୧୦,୦୭୯ ରେଗୁଲାର ପରୀକ୍ଷାର୍ଥୀଙ୍କ ସମେତ ସମୁଦାୟ ୧୯,୩୭୦ ଜଣ ନାମ ପଞ୍ଜୀକୃତ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ପରୀକ୍ଷାରେ ବସିଛନ୍ତି ୧୦,୧୪୯ ଛାତ୍ରଛାତ୍ରୀ। ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮୯ ଜଣ ଅନୁପସ୍ଥିତ ରହିଥିବା ବେଳେ ୯୮୯୦ ଜଣ ପରୀକ୍ଷା ଦେଇଛନ୍ତି। ସେହିଭଳି ମଧ୍ୟମା ପାଇଁ ୧୧୪ ଜଣ ନାମ ପଞ୍ଜୀକୃତ କରିଥିବା ବେଳେ ୩ ଜଣ ଅନୁପସ୍ଥିତ ଥିଲେ। ୧୪୮ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କ ଭିତରୁ ୨୯ ଜଣ ଅନୁପସ୍ଥିତ ରହିବାରୁ ୧୪୮ ଜଣ ପରୀକ୍ଷାରେ ବସିଥିଲେ। ଜିଲ୍ଲା ସାରା ପ୍ରଥମ ଦିନ ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ସରିଥିବା ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡଙ୍ଗୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଜିଲ୍ଲାର ୨୧୪ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ୬୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ସେହିଭଳି ମଧ୍ୟମା ପରୀକ୍ଷାର୍ଥୀଙ୍କ ପାଇଁ ୨ଏବଂ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କ ପାଇଁ ୩ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି।

